ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.282 Bhubaneswar Friday, December 31, 2021 ୨୪ତମ ବର୍ଷ ସଂଖ୍ୟା-୨୮୨ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୩୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ବିଜେଡ଼ି ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୩୦।୧୨(ପି.ଏନ): ବ୍ରଜରାଜନଗରର ବିଜେଡି ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ହୃଦଘାତ ଯୋଗୁଁ ଝାରସୁଗୁଡାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା।ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟରେ ଯୋଗ ଦେବା ସମୟରେ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କର ହୃଦ୍‌ଘାତ ହେବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱର୍ଗତ କିଶୋର ମହାନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି ରହିସାରିଛନ୍ତି। ଏହାସହ ସେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଥିଲେ। ସେ ୩ ଥର ଝାରସୁଗୁଡ଼ାରୁ ଓ ଥରେ ବ୍ରଜରାଜନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ସେ ରାଜ୍ୟସଭା ସାଂସଦ ଥିଲେ। ଗତ ସାଧାରଣ ନିର୍ବାଚନରେ ସେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।କିଶୋର ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ , ଆନ୍ଧ୍ର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ , ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି , ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ ଦାସବର୍ମା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ରାଜଧାନୀର ସମସ୍ତ ଧର୍ମାନୁଷ୍ଠାନ ୩ ଦିନ ପାଇଁ ବନ୍ଦ

ଭୁବନେଶ୍ୱର, ୩୦।୧୨(ପି.ଏନ): ଆସନ୍ତାକାଲି (ଡିସେମ୍ବର ୩୧) ରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ଧର୍ମାନୁଷ୍ଠାନ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିବ। ନୂଆବର୍ଷରେ ବିଭିନ୍ନ ଧର୍ମାନୁଷ୍ଠାନରେ ଭିଡ ପରିଲିକ୍ଷିତ ହୋଇଥାଏ । ସେହିପରି ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କୋଭିଡ୍ ସଂକ୍ରମଣ ରୋକିବା ପାଇଁ ଏଭଳି ନିଷ୍ପତି ନେଇଛି ବିଏମସି। ବିଏମସି ଅଧୀନରେ ଆସୁଥିବା ସମସ୍ତ ମନ୍ଦିର, ମସଜିଦ୍, ଗୁରୁଦ୍ୱାରା, ଚର୍ଚ୍ଚ ଭକ୍ତଙ୍କ ପାଇଁ ବନ୍ଦ ରହିବ । ତେବେ ଏହି ସମୟରେ ଧର୍ମାନୁଷ୍ଠାନରେ ଠାକୁରଙ୍କ ରୀତିନୀତି ପୂର୍ବଭଳି ଜାରି ରହିବ ବୋଲି ବିଏମସିର ଗାଇଡଲାଇନରେ ଦର୍ଶାଯାଇଛି ।

## ଗୋଟିଏ ଦିନରେ ୨୨୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୪୬୦୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୪ ହଜାର ୪୪୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୫୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୨୨୫ ଜଣଙ୍କ ମଧ୍ୟରୁ ୧୩୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୮୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୧୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨, ଭଦ୍ରକ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସେହିପରି ଗଂଜାମ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୬, ଖୋର୍ଦ୍ଧାରୁ ୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୩, ଷ୍ଟେଟ୍ ପୁଲରୁ ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପ୍ରଚାର ,ଭୋଟିଂ ସ୍ଥିତି ଦେଖି ଗାଇଡ଼୍‌ଲାଇନ ଜାରି କରାଯିବ : ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୩୦।୧୨(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ସଂପୂର୍ଣ୍ଣ ପ୍ରସ୍ତୁତ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଜିଲ୍ଲା ଗୁଡିକୁ ବାଲଟ ବକ୍ସ ପଠାଯାଇଛି। ଅନ୍ୟ ରାଜ୍ୟରୁ ବାଲଟ ବକ୍ସ ଆସିଛି। ଆମେ ନିଜେ ବି କିଛି ପ୍ରସ୍ତୁତ କରିଛୁ। ସରକାରୀ ପ୍ରେସ ରେ ବାଲଟ ପେପର ପ୍ରିଂଟିଂ ବି ଶେଷ ପର୍ଯ୍ୟାୟରେ ପହଂଚିଛି। ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ଚିହ୍ନ ଆଲଟ ହୋଇଛି। ୱାର୍ଡ ମେମ୍ବର ୧୫, ସରପଂଚ ପାଇଁ ୩୨ ଏବଂ ସମିତି ସଭ୍ୟ ପାଇଁ ୧୯ଟି ଚିହ୍ନ ରହିଛି। ଓଡ଼ିଆ ନାମ ଅନୁସାରେ ପ୍ରାର୍ଥୀଙ୍କୁ ଚିହ୍ନ ଆଲଟ କରାଯିବ। ଓମିକ୍ରନନ ଉପରେ ବି ଆମର ନଜର ରହିଛି। ନିର୍ବାଚନ ପ୍ରଚାର ଏବଂ ଭୋଟିଂ ବେଳେ ସ୍ଥିତି ଦେଖି ଆମେ ଗାଇଡ଼୍‌ଲାଇନ ଜାରି କରିବୁ ବୋଲି ସେ କହିଛନ୍ତି।

## ଜାନୁଆରୀ ମାସରେ ପିକନିକ୍ ମନା : ସହରାଂଚଳରେ ଜାରି ରହିବ ନାଇଟ୍ କର୍ଫ୍ୟୁ

ଭୁବନେଶ୍ୱର , ୩୦।୧୨(ପି.ଏନ): କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଜାନୁଆରୀ ମାସ ପାଇଁ ଗାଇଡଲାଇନ ଘୋଷଣା କରିଛନ୍ତି ରାଜ୍ୟ ସରକାର । ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ଜାରି କରିଥିବା ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ ସହରାଂଚଳରେ ନାଇଟ କର୍ଫ୍ୟୁ ଜାରି ରହିବ। ରାତି ୧୦ରୁ ସକାଳ ୫ଟା ଯାଏଁ ନାଇଟ କର୍ଫ୍ୟୁ ଲାଗୁ ହେବ। ନାଇଟ କର୍ଫ୍ୟୁ ବେଳେ ଯିବା ଆସିବା ବନ୍ଦ ରହିବ। ସେହିପରି ସକାଳ ୫ଟାରୁ ରାତି ୧୦ଟା ଯାଏଁ ଦୋକାନ ବଜାର ଖୋଲା ରହିବ । ଜରୁରୀକାଳୀନ ସେବାକୁ ଛାଡିଦେଲେ ଅନ୍ୟ ସବୁ ଉପରେ କଟକଣା ଲାଗୁ କରାଯାଇଛି । ଏହି ନିୟମ ଜାନୁଆରୀ ୧ରୁ ଫେବୃଆରୀ ୧ ଯାଏଁ ବଳବତର ରହିବ ।ନୂଆ ଗାଇଡଲାଇନ୍ ମୁତାବକ, ଜାନୁଆରୀ ମାସରେ ପାର୍କ, ବେଳାଭୂମି କିମ୍ବା ଅନ୍ୟାନ୍ୟ ପିକନିକ୍ ସ୍ପଟରେ ପିକନିନ୍ କରିବାକୁ ମନା କରାଯାଇଛି । ଏପରିକି ଜାନୁଆରୀ ମାସରେ କୌଣସି ଶିକ୍ଷାନୁଷ୍ଠାନ ପିକନିକ୍ ମନାଇବାକୁ ଯାଇପାରିବେ ନାହିଁ। ସେହିପରି ସମସ୍ତ ପ୍ରକାର ସାମାଜିକ ଓ ଧାର୍ମିକ ସମାବେଶ ଉପରେ କଟକଣା ଲଗାଯାଇଛି। ରାଜନୈତିକ ସମାବେଶରେ ସର୍ବାଧିକ ୧୦୦ ଲୋକଙ୍କୁ ଅନୁମତି ମିଳିଛି। ସେହିପରି ପ୍ରଦର୍ଶନୀ, ବାଣିଜ୍ୟ ମେଳା, ମେଳା ଆଦି ଆୟୋଜନକୁ ମଧ ବାରଣ କରାଯାଇଛି। ହୋଟେଲ, ପାର୍କ, ମଲରେ ସାଂସ୍କୃତିକ, ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ ନାହିଁ। କୌଣସି ବାର୍ଷିକ ଉତ୍ସବ ଓ ଆନିଭର୍ସାରୀ ପାଳନ ଉପରେ ମଧ ରୋକ ଲଗାଯାଇଛି ।ତେବେ ରାଜ୍ୟ ସରକାର ଯାତ୍ରା, ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇଛନ୍ତି। ସର୍ବାଧିକ ୧ ହଜାର ଦର୍ଶକଙ୍କୁ ନେଇ ଅନୁମତିରେ ଯାତ୍ରା କରାଯାଇପାରିବ। ହେଲେ ଏସବୁ କୋଭିଡ୍ ନିୟମ ଅନୁସାରେ ଆୟୋଜନ କରାଯିବ। ଏହଛଡ଼ା ସିନେମା ହଲ୍ ଗୁଡ଼ିକ ୫୦ ପ୍ରତିଶତ ଦର୍ଶକ କ୍ଷମତାରେ ଚାଲିବ। ତେବେ ସିନେମା ହଲ୍ ଯିବା ପାଇଁ ଦର୍ଶକଙ୍କୁ ଡବଲ ଡୋଜ୍ ଟିକା ବା ନେଗେଟିଭ୍ ଟେଷ୍ଟ ରିପୋର୍ଟ ଜରୁରୀ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ବିବାହ , ବ୍ରତୋପନୟ ଓ ଶୁଦ୍ଧିକ୍ରିୟା ଆଦି ସାମାଜିକ କାର୍ଯ୍ୟରେ ୨୫୦ରୁ ଅଧିକ ଲୋକ ଯୋଗ ଦେଇପାରିବେ ନାହିଁ।

## ରାଜ୍ୟରେ ଖୋଲିବ ବିଶ୍ୱସ୍ତରୀୟ ସଂଗ୍ରହାଳୟ କମ୍ପ୍ଲେକ୍ସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , ୩୦।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କଳିଙ୍ଗ ଆର୍ଟ ଗ୍ୟାଲେରୀ ଏବଂ ୫ଟି ଆଂଚଳିକ ଆର୍ଟ ଗ୍ୟାଲେରୀର ଉଦ୍‌ଘାଟନ କରିଛନ୍ତି। କଳିଙ୍ଗ ଆର୍ଟ ଗ୍ୟାଲେରୀ ହେଉଛି ରାଜ୍ୟ ସଂଗ୍ରହାଳୟ ପରିସରରେ ରଖାଯାଇଥିବା ରାଜ୍ୟର ସର୍ବବୃହତ୍ ଆର୍ଟ ଗ୍ୟାଲେରୀ। ଛତ୍ରପୁର(ଗଞ୍ଜାମ), ପୁରୀ, ବାଲେଶ୍ୱର, ସମ୍ବଲପୁର ଏବଂ କୋରାପୁଟ ଆଦି ୫ଟି ଜିଲ୍ଲାରେ ଆଂଚଳିକ ଆର୍ଟ ଗ୍ୟାଲେରୀ ପ୍ରତିଷ୍ଠା କରାଯାଇଛି। ଏହି ଆର୍ଟ ଗ୍ୟାଲେରୀ ପ୍ରତିଷ୍ଠା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ପଦକ୍ଷେପ ନେଇଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମୋଡରେ କାର୍ଯ୍ୟକ୍ରମରେ ଯୋଗଦେଇ ଖୁବ୍‌ଶୀଘ୍ର ରାଜ୍ୟରେ ଏକ ବିଶ୍ୱସ୍ତରୀୟ ସଂଗ୍ରହାଳୟ କମ୍ପ୍ଲେକ୍ସ ଖୋଲାଯିବ ବୋଲି ଘୋଷଣା କରିଛନ୍ତି। ଇତିହାସ, କଳା ଏବଂ ସଂସ୍କୃତିର ବିଭିନ୍ନ ସୁବିଧା ସହିତ ବିଶ୍ୱସ୍ତରୀୟ ସଂଗ୍ରହାଳୟ କମ୍ପ୍ଲେକ୍ସ ପାଇଁ ଏକ ବିସ୍ତୃତ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟର ସାଂସ୍କୃତିକ ଗୌରବ ସମ୍ବନ୍ଧରେ ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶା ସମୃଦ୍ଧ ସାଂସ୍କୃତିକ ତଥା କଳାତ୍ମକ ଐତିହ୍ୟର ଭଣ୍ଡାର ଅଟେ। ଚିତ୍ର, ସ୍ଥାପତ୍ୟ, ମୂର୍ତ୍ତି ଏବଂ ହସ୍ତତନ୍ତରେ ଏକ ଦୀର୍ଘ ବିବିଧ ସଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ଆମର ଅନନ୍ୟ ପରମ୍ପରା ରହିଛି। କଳା ଆମ ରକ୍ତରେ ଏବଂ ମନରେ ରହିଛି । ଆମର କଳାତ୍ମକ ପରମ୍ପରା ପାଇଁ ଆମର ଏକ ଦାୟିତ୍ୱ ରହିଛି ଏବଂ ଏହି ଅନନ୍ୟ ପରମ୍ପରାର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରୋତ୍ସାହନ ନିମନ୍ତେ ଆମେ ସବୁକିଛି କରିବା ଉଚିତ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ୫ଟି ଜିଲ୍ଲାର ଆଂଚଳିକ ଆର୍ଟ ଗ୍ୟାଲେରୀ ସ୍ଥାନୀୟ କଳାକାରମାନଙ୍କୁ ସେମାନଙ୍କ କଳାତ୍ମକ ସୃଜନଶୀଳତା ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରିବ ଏବଂ ସ୍ଥାନୀୟ କଳାକୁ ପ୍ରୋତ୍ସାହନ ଦେବ । ସେ ଆହୁରି ମଧ କହିଛନ୍ତି ଯେ ଏହି ଗ୍ୟାଲେରୀଗୁଡ଼ିକ ଆମର ଯୁବକ ଏବଂ ଉଦୀୟମାନ କଳାକାରମାନଙ୍କ ମଧ୍ୟରେ ଭାବବିନିମୟର ଏକ ମଧ୍ୟମ ହେବ ଏବଂ ସମୟ ସହିତ ସେମାନଙ୍କୁ ଶିଖିବା ତଥା ବିକଶିତ ହେବାରେ ସାହାଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଓଡ଼ିଶା ଲଳିତ କଳା ଏକାଡେମୀ ଅଧ୍ୟକ୍ଷ ସୁଦର୍ଶନ ପଟ୍ଟନାୟକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ୫- ଟି ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## ମାସେ ଭିତରେ ସରିବ କିଶୋରଙ୍କୁ ଟିକାକରଣ

ଭୁବନେଶ୍ୱର , ୩୦।୧୨(ପି.ଏନ): ରାଜ୍ୟରେ୧୫ରୁ ୧୮ ବର୍ଷ କିଶୋରଙ୍କ ଟିକାକରଣ କାର୍ଯ୍ୟକୁ ମାସେ ଭିତରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।ସେ କହିଛନ୍ତି, ଆସନ୍ତା ୧ ତାରିଖରୁ ଅନଲାଇନ୍ ପଞ୍ଜିକରଣ ହେବ। ୩ ତାରିଖରୁ ଟିକାକରଣ କରାଯିବ। ଏନେଇ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଛି। ସ୍ୱତନ୍ତ୍ର ଟିକାକରଣ କ୍ୟାମ୍ପ ଦ୍ୱାରା କିଶୋର ମାନଙ୍କୁ କୋଭାକ୍ସିନ୍ ଦିଆଯିବ। ସକାଳୁ ଅପରାହ୍ନ ଯାଏଁ କିଶୋରଙ୍କୁ ଓ ପରେ ଅନ୍ୟ ମାନଙ୍କୁ ଟିକା ଦିଆଯିବ ।କେବଳ କୋଭାକ୍ସିନ୍ ଟିକା କିଶୋରଙ୍କୁ ଦିଆଯିବ। ରାଜ୍ୟରେ ପ୍ରାୟ ୧୪ ଲକ୍ଷ ଡୋଜ୍ ଉପଲବ୍ଧ ଅଛି। ଆଜି ସବୁ ଜିଲ୍ଲାକୁ କୋଭାକ୍ସିନ ଟିକା ପଠାଇବାକୁ ବ୍ୟବସ୍ଥା ହୋଇଛି। ଜାନୁଆର ୧ତାରିଖ ସୁଦ୍ଧା ସବୁ ଜିଲ୍ଲାରେ ଟିକା ପହଂଚିଯିବ ।ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଆହୁରି କହିଛନ୍ତି, ଜାନୁଆରୀ ୧୦ରୁ ୬୦ ବର୍ଷରୁ ଅଧିକ ବୟସ୍କ, ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରତିଷେଧମୂଳକ ଡୋଜ୍ ଦିଆଯିବ। ତେବେ କେଉଁ ଟିକା ଦିଆଯିବ ତାହା ସ୍ପଷ୍ଟ ହୋଇନି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାର୍ଗଦର୍ଶୀକା ଆସିବା ପରେ ତାହା ସ୍ପଷ୍ଟ ହେବ। ଆମେ ଅଶା କରୁଛୁ ଜାନୁଆରୀ ଦଶ ତାରିଖ ପୂର୍ବରୁ ଆମ ପାଖକୁ ସ୍ପଷ୍ଟୀକରଣ ଆସିଯିବ।

## ୩ ଦିନ ପାଇଁ ବନ୍ଦ ରହିବ ପ୍ଲାନେଟୋରିୟମ୍

ଭୁବନେଶ୍ୱର, ୩୦।୧୨ (ପି.ଏନ): ରାଜ୍ୟରେ କୋଭିଡ-୧୯ ମହାମାରୀର ନୂଆ ଭାରିଆଂଟ 'ଓମିକ୍ରନ'ରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବ । ବେଳେ ଭିଡ଼କୁ ଏଡାଇବା ପାଇଁ ପ୍ଲାନେଟାରିୟମ୍ ଗୁଡ଼ିକୁ ଆଗାମୀ ୩ ଦିନ ପାଇଁ ବନ୍ଦ ରଖିବାକୁ ନିଷ୍ପତି ହୋଇଛି । ଭୁବନେଶ୍ୱରସ୍ଥିତ ପଠାଣିସାମନ୍ତ ପ୍ଲାନେଟାରିୟମ୍ ଓ ବୁର୍ଲାସ୍ଥିତ ଏପିଜେ ଅବ୍‌ଦୁଲ କଲାମ୍ ପ୍ଲାନେଟାରିୟମ୍ ଡିସେମ୍ବର ୩୧ ତାରିଖ ଠାରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଦର୍ଶକ ମାନଙ୍କ ପାଇଁ ବନ୍ଦ ରହିବ। ଏହା ବ୍ୟତୀତ ସଂକ୍ରମଣ ରୋକିବା ପାଇଁ ଭୁବନେଶ୍ୱର ଓ କଟକରେ ଥିବା ସମସ୍ତ ଧର୍ମାନୁଷ୍ଠାନ ଗୁଡିକୁ ୩ ଦିନ ପାଇଁ ବନ୍ଦ ରଖିବାକୁ ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି। ସେହିପରି ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ଆଜି ଠାରୁ ୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ।

## ଜ୍ୟୋତିବିହାର-୯୦ର ମହାବନ୍ଧୁମିଳନ କାର୍ଯ୍ୟକ୍ରମ






ବୁର୍ଲା,୩୦।୧୨(ପି.ଏନ): ଜ୍ୟୋତିବିହାର -୯୦ର ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ପରିସର ଏମ.ବି.ଏ ବିଭାଗର ସେମିନାର ପ୍ରକୋଷ୍ଠରେ ମହା ସମାରୋହରେ ପାଳିତ ହୋଇଯାଇଅଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ୧୯୮୮-୯୦ ସ୍ନାତକୋତ୍ତର ବିଭାଗରେ ଅଧ୍ୟୟନରତ ସହପାଠୀ ମାନଙ୍କର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଚଳିତ ବର୍ଷ ଜ୍ୟୋତିବିହାର ଠାରେ ଅନୁଷ୍ଠିତ ହୋଇଥିବାରୁ ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ତଥା ଓଡ଼ିଶା ବାହାରେ କାର୍ଯ୍ୟରତ ସହପାଠୀମାନେ ଦୀର୍ଘ ୩୨ ବର୍ଷ ପରେ ଏକତ୍ର ହୋଇ ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ, ସହଧର୍ମିଣୀ ଶ୍ରୀମତୀ ମିତଲ, ୱାଡେନ ପ୍ରଫେସର ବିଶ୍ୱଜିତ ଶତପଥୀ, ବିଶିଷ୍ଟ ସମ୍ବଲପୁରୀ ଗାୟକ ଓ ରଙ୍ଗବତୀ ଗୀତ ଗାଇ ଘରେ ଘରେ ପରିଚିତ। ପଦ୍ମଶ୍ରୀ ଜିତେନ୍ଦ୍ର ହରପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶ୍ରୀ ଭାବାନୀ ପଣ୍ଡା, ସୂର୍ଯ୍ୟ ମହାପାତ୍ର, କ୍ଷମାନିଧି ନାଥ, ମହମ୍ମଦ ଆସଲାମ୍, ସୋଭନା ମହାପାତ୍ର, ଶୁକୋମଳ ଦାସ, ସୌମେନ ପଟେଲ, ରବୀନାରାୟଣ ଦାସ, ନରେନ୍ଦ୍ର ସାହୁ, ତ୍ରିନାଥ ବେହେରା , ପୁରଷୋତ୍ତମ ମିଶ୍ର, ରମେଶ ଭୋଇ, ପ୍ରତାପ ମହାନ୍ତି, ଶ୍ୱେତା ମହାନ୍ତି, ନିର୍ମଳ ପରିଡ଼ା ଦୁର୍ଗେସ ନନ୍ଦନ ଛୁରିଆ, ତ୍ରିଦେବ ତ୍ରିପାଠୀ,ଦେବାଶିଷ ଗୌଡ଼, ମନୋଜ ଷଡ଼ଙ୍ଗୀ, ବିବେକ ମିଶ୍ର, ବିଶ୍ୱଜିତ ମିଶ୍ର, ମନୋଜ ନାୟକ, ଲଳିତା ପ୍ରଦାନ, ବିଜୟ ସାହୁ, ଅଶୋକ ପାତ୍ର , ନିମାଇଁ ପ୍ରଧାନ, ସୁବ୍ରତ ବେହେରା, ରୋହିତ ସାହା, ଅଶୋକ ସାହୁ, ବବିତା ଦାସ, ବବିତା ମହାପାତ୍ର, ସାବିତ୍ରୀ ସାହୁ, ଅନିତା ହୋତା, ରୋଜି ପ୍ରଧାନ, ମିନାକ୍ଷୀ ରାଜ, ସଙ୍ଗୀତା ଗୌଡିଆ, ସଞ୍ଜିବ ମହାନ୍ତି, ସରୋଜ କୁମାର ପଣ୍ଡା, ସ୍ୱରୂପ ପାଣିଗ୍ରାହୀ, ରୀତା ନନ୍ଦ ପ୍ରଭୃତି ଶତାଧିକ ସହପାଠିଗଣ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉପମା କାଲେ, ପବିତ୍ର ନାରାୟଣ ନେକାପ, ଦିଲ୍ଲୀପ ବଡ଼ପଣ୍ଡା, ସୁରେଶ କର, ନରେଶ ଅଗ୍ରୱାଲ ପରିଚାଳନା କରିଥିଲେ।

## ଯାତ୍ରାକୁ ଓମିକ୍ରନ୍ ଛାଟ, ୧୦୦୦ ଦର୍ଶକଙ୍କୁ ନେଇ ଚାଲିବ ମଞ୍ଚ ନାଟକ

ଭୁବନେଶ୍ୱର,୩୦।୧୨(ପି.ଏନ): ଯାତ୍ରାକୁ ଲାଗିଛି ଓମିକ୍ରନ୍ ଛାଟ। ୧୦୦୦ ଦର୍ଶକଙ୍କୁ ନେଇ ଯାତ୍ରା ପରିବେଷଣ କରିବାକୁ ଅନୁମତି ଦେଇଛନ୍ତି। ଆଜି ରାଜ୍ୟ ସରକାର ଜାନୁଆରୀ ମାସର ଗାଇଡ୍ ?ଲାଇନ୍‌ରେ ଏପରି ସର୍ତ୍ତ ରଖିଛନ୍ତି। ପୂର୍ବରୁ ସରକାରଙ୍କ ଏପରି ସର୍ତ୍ତକୁ ନେଇ ହଲ୍ଲାପଟା କରିଥିଲେ କଳାକାର ଓ ଯାତ୍ରା ପାର୍ଟି ମାଲିକ। ୧୦୦୦ ଦର୍ଶକଙ୍କୁ ନେଇ ଯାତ୍ରା କରିହେବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଆନ୍ଦୋଳନ ଓ ପ୍ରତିବାଦ ପରେ ରାଜ୍ୟ ସରକାର ନିୟମରେ ସାମାନ୍ୟ କୋହଳ କରିଥିଲେ। ୫୦% ଦର୍ଶକଙ୍କୁ ନେଇ ଯାତ୍ରା କରିବାକୁ ଅନୁମତି ଦେଇଥିଲେ। ଏହା ପରଠାରୁ ସହରାଞ୍ଚଳକୁ ଛାଡି ରାଜ୍ୟର କୋଣ ଅନୁକୋଣରେ ଯାତ୍ରା ପରିବେଷଣ ହେଉଥିଲା ।ଏବେ ପୁଣି ଥରେ ରାଜ୍ୟରେ କରୋନାର ନୂଆ ଭାରିଏଣ୍ଟ ଓମିକ୍ରମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଜି ଗୋଟିଏ ଦିନ ୫ ଜଣ ଓମିକ୍ରମ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଜାନୁଆରୀ ମାସର ଗାଇଡ୍‌ଲାଇନ୍‌ରେ ଯାତ୍ରା ପରିବେଷଣ ପାଇଁ ଅନୁମତି ଦେଇଥିଲେ ମଧ ଦର୍ଶକଙ୍କ ସଂଖ୍ୟା କମାଇଛନ୍ତି। ଅର୍ଥାତ ୧୦୦୦ ଦର୍ଶକଙ୍କୁ ନେଇ ଯାତ୍ରା କରିବାକୁ ଅନୁମତି ଦେଇଛନ୍ତି। ଏଥିସହ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ସ୍ଥିତିରେ କେମିତି ଯାତ୍ରା ପରିବେଷଣ ହେବ ତାହା ଭବିଷ୍ୟତରେ ଦେଖିବାକୁ ମିଳିବ ।ମହାମାରୀ କରୋନା ଯାତ୍ରା ଇଣ୍ଡଷ୍ଟ୍ରୀକୁ ଘାଇଲା କରିଛି। ଦୀର୍ଘ ଦୁଇ ବର୍ଷ ଧରି ଦେଇ ଚାଲିଛି ଯନ୍ତ୍ରଣା। କେତେବେଳେ ମଞ୍ଚ ଖୋଲୁଛି ଓ ବନ୍ଦ ହେଉଛି, କେହି ଜାଣିପାରୁ ନାହାନ୍ତି। ଯାହାକୁ ନେଇ ବ୍ୟତିବ୍ରସ୍ତ ହୋଇପଡିଛନ୍ତି କଳାକାର। ଯେଉଁଥିପାଇଁ କିଏ ଅଭିନୟ ପେଶାଠାରୁ ଦୂରେଇ ଯାଇ ଅନ୍ୟ ବେଉସାରେ ମାତିଛି ତ ଆଉ କିଏ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛି। କରୋନାର କୋପ୍ କମିବା ପରେ ଯାତ୍ରା ପରିବେଷଣ ପାଇଁ ଅନୁମତି ଦେଇଥିଲେ ରାଜ୍ୟ ସରକାର। ମାତ୍ର ରଖିଥିଲେ କଡା ସର୍ତ୍ତ। ସେଥିରେ ଯାତ୍ରା ପରିବେଷଣ କରିବା କଷ୍ଟକର ହୋଇଥିଲା। ଏହାକୁ ନେଇ ହୋ-ହଲ୍ଲା ହେବା ପରେ ରାଜ୍ୟ ସରକାର ନିୟମରେ ସାମାନ୍ୟ କୋହଳ କରିଥିଲେ। ଯାହାଫଳରେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପରିବେଷଣ। ଏପରି ସ୍ଥିତି ନୂଆ ଗାଇଡ୍‌ଲାଇନ୍ ଯାତ୍ରା ପାର୍ଟି ମାଲିକଙ୍କ ଚିନ୍ତା ବଢ଼ାଇ ଦେଇଛି।

## କାଳିଆ ଯୋଜନାରେ ୬୦ ପ୍ରତିଶତ ଅର୍ଥକାଟ ଓ ଚରମ କୃଷି ଅବହେଳା ବିରୁଦ୍ଧରେ ପ୍ରଚ୍ଛର ହେବ : ନବନିର୍ମାଣ

ଭୁବନେଶ୍ୱର, ୩୦।୧୨(ପି.ଏନ): ଗଲା ବିଧାନସଭା ନିର୍ବାଚନ ପୂର୍ବରୁ କାଳିଆ ପଇସାକୁ ନେଇ ଗଗନ ପବନ ପ୍ରକମ୍ପିତ କଲ। ସବୁ କ୍ଷୁଦ୍ର, ନାମମାତ୍ର, ଭୂମିହୀନ ଚାଷୀଙ୍କୁ କାଳିଆ ପଇସା ଦେବୁ। ଆମର ଦାବୀ ଥିଲା ଚାଷୀମାନଙ୍କୁ ୫୦୦୦ ପେନସନ ଦିଅ, ଓଡିଶା ସାରା ଚାଷୀ ତାତିଥିଲେ। ସେତେବେଳେ ଚାଷୀଙ୍କୁ ପ୍ରଭାବିତ କରିବା ପାଇଁ କହିଲ କାଳିଆ ହୋଇଗଲା ଭୂମିହୀନ ପାଇବେ ୧୨,୫୦୦ ଛୋଟଚାଷୀ ୧୦,୦୦୦। କେନ୍ଦ୍ରସରକାର ବି ଦେଲେ ୬୦୦୦। ଗରୀବ ଚାଷୀ ମନରେ ଆଶା ବାନ୍ଧିଥିଲା ୧୬,୦୦୦ ହେଲେ ଚାଷ ଖର୍ଚ୍ଚ ଟିକେ ଚଳିଯିବ। ହେଲେ ହଠାତ୍ କଥା କଥାକେ କେନ୍ଦ୍ର ସରକାର ବିରୁଦ୍ଧରେ କହୁଥିବା ନବୀନ ସରକାର କହିଲେ କାଳିଆ ଓ ପିଏମ କିଷାନ ମିଶାଇଦିଅ । ଅର୍ଥାତ୍ ଆମ ୧୦,୦୦୦କୁ କାଟି ୪୦୦୦ କରିଦେଲେ। କେତେବେଳେ କରିଦେଲେ ଯେତେବେଳେ ଅମାରରେ ଢେର ପଇସା ସେତେବେଳେ । କରୋନାରେ ଖଣିରେ ରାଜସ୍ୱ ବୃଦ୍ଧି ଓ ଡିଏମଏଫ ପଇସା ଉଠାଣ ଆଣିବା ବେଳେ। ଏବେ ଉଠାଦୋକାନୀ, ହକରଙ୍କୁ, କରୋନା ସହାୟତା ନାମରେ ସରକାର ମାମୁଲି ସହାୟତା ଦେଇଛନ୍ତି। ଲୋକ ଓ ଦଳୀୟକର୍ମୀ ଏଥିରେ ହାଉହାଉ। ଖବର କାଗଜ କହୁଛି ସରକାର ଅମାର ଖୋଲିଦେଲେ। ପ୍ରକୃତ ପକ୍ଷେ ସରକାର ଚାଷୀ, ବେକାରୀ, ଅସହାୟ ବୁଢାବୁଢୀ ଓ ଚାକିରିଆ କାହାପାଇଁ ଅଧିକା ଖର୍ଚ୍ଚ କରିଛନ୍ତି ଏଥିନେଇ ବିତର୍କ ହେଉ। ଉପକୂଳ ଓଡିଶାରେ ଘରେଘରେ ନଳକୂପ କିନ୍ତୁ ପାଣିଟାଙ୍କି ବସାଚାଲଛି। ଆପଣ ନିର୍ବାଚନ ଫଣ୍ଡ ପାଇଁ ଟାଟା ଠାରୁ ପଇସା ନେଇ ଇଲେକ୍ଟ୍ରି ବିକ୍ରି କରିଦେଲେ। ଏବେ ଟାଟାର ବିଦ୍ୟୁତ୍ ବିଲ୍ ତାତି ଢେର୍। ପଡୋଶୀ ଛତିଶଗଡରେ ଧାନ କୁଇ।ଲ ୨୫୦୦ ଏଠି ଶୂନ। କେବଳ କେନ୍ଦ୍ର ବିରୋଧି ସ୍ଲୋଗାନ ଦେଇ ଦାଇତ୍ୱ ଶେଷ । ଏତେ ଟଙ୍କା ମଠ ମନ୍ଦିର, ଗାଧୁଆ ଘର, ମଶାଣୀରେ ଅପବ୍ୟୟ ହେଉଛି ଯେଉଁଠି ଲୋକ ରୋଜଗାର ପାଇଥାନ୍ତେ ବେକାରୀ ମୁହଁରେ ହସ ଫୁଟିଥାନ୍ତା ସେ ସେକ୍ଟରରେ ଖର୍ଚ୍ଚ ଶୂନ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କେତେଚାଷୀ ଉପକୃତ ହେଇଛନ୍ତି ? କେବଳ ପ୍ରଚାରରେ ତୋଫାନ କରୁଛ। ଏବେ ମାଳ ମାଳ ଯେଜନାକୁ ମାଳମାଳ ଅଭିଯୋଗରେ ମୁକାବିଲା କରାଯିବ। କ।କୁ କ।ରେ କାଟିଲା ପରି । ତମେ ଆହାର ଦେଇଛ, ଆନ୍ଧ୍ର ଆହାର ଥାଳିରେ କେତେ ଆଇଟମ ଆମର କେତେ ? ସେଠି ଭତା ୨୨୫୦, ଏଠି କେତେ? ୪୦୦୦ ଟଙ୍କା ମାସକୁ ତାମିଲନାଡୁରେ କରୋନା ରିଲିଫ୍ ମିଳୁଥିଲା ଆମର ଥରେ ମାତ୍ର ୧୦୦୦, ପୁଣି ଭୋଟ ବେଳେ। ଅସ୍ଥାୟୀ ଯୋଜନା କିଭଳି ଆମ ଦୀର୍ଘମିଆଦୀ ସ୍ଥାୟୀ ବିକାଶକୁ ବରବାଦ କରୁଛି ଏ ନେଇ ଗାଁ ଗାଁରେ ପଂଚାୟତ ବସିବ। ଲୋକେ ନିଜେ ସଭା କରି ରାୟ ଶୁଣାଇବେ। ଆପଣ ଯେଉଁମାନଙ୍କ ଭୋଟ ପାଆନ୍ତି ନାହିଁ ସେମାନଙ୍କୁ କେତେ ଓ ଯେଉଁ ମାନଙ୍କ ଭୋଟରେ ଶାସନ ଗାଦିରେ ବସିଛ ସେମାନଙ୍କୁ କେତେପଇସା କେଉଁ ଯୋଜନାରେ ଦେଇଛ ଖବରକାଗଜରେ ବିଜ୍ଞାପନ ଦିଅ ?। ମୁଖ୍ୟମନ୍ତ୍ରୀ ସେତୁ ଢେର, ପ।ୟତରେ କଲ୍ୟାଣ ମଣ୍ଡପ ଢେର ଶୀତଳ ଭଣ୍ଡାର, ସାରପାଇଁ ଗୋଦାମ ଘର ନାହିଁ। କ । ପନିପରିବା କ୍ଷତି ପୂରଣ କେତେ ଦେଇଛ ? ତ୍ରିସ୍ତରୀୟ ଯୋଜନାର ପରିଣତି କଣ ? ତମ କାଳିଆ ଯୋଜନା ପ୍ରବାସୀ ଓଡିଆ ଓ ଓମ୍ ମିଶ୍ର ମହାରଥି ପରିବାର ପାଇଁ ଥିଲା ବେଳେ ସାଧାରଣ ଚାଷୀ ବଳି ପଡିଲେ। ଆପଣ ନିର୍ବାଚନ ପୂର୍ବରୁ ମାସିକିଆ ପ୍ୟାକେଜ କରି ବାହାବାହା ନେଉଛନ୍ତି। ଭାବୁଛନ୍ତି ବିରୋଧି ଏଥିରେ ଭାସିଯିବେ। ଏହା ବିରୁଦ୍ଧରେ ବ୍ୟାପକ ପ୍ରଚାରରେ ମୁକାବିଲା ହେବ। ବିଶେଷକରି ଚାଷୀ ପେନସନ୍, ଧାନ ଦର, ଆଳୁ ମିଶନ୍, ସାର ଅବ୍ୟବସ୍ଥା, କ୍ଷୀର ଦର ଧାନକିଣାରେ ମିଲରଙ୍କର କଟନି ଛାଟନି, ନେଇ ପ୍ରଚ୍ଛର ହେବ। ଆମେ ପ୍ରମାଣ କରିବୁ ଓଡିଆ ଜାତି ଓ ଚାଷୀଙ୍କର ଉନ୍ନତି ପାଇଁ ଯୋଜନା ନୁହେଁ ଆପଣଙ୍କ ଗାଦି ପାଇଁ ଏହି ଅସ୍ଥାୟୀ ଓ ଗନ୍ଧିଆ ଯୋଜନା କରୁଛନ୍ତି କ୍ଷମତାରେ ରହିବା ପାଇଁ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି।

## ଆଉ ୫ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦।୧୨(ପି.ଏନ): ଓଡିଶାରେ ଆଉ ୫ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ (ଆଇଏଲ୍‌ଏସ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ୫ ଜଣ ନୂଆ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ୫ ନୂଆ ଓମିକ୍ରନ୍ ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣ ପୁରୁଷ ଓ ଜଣେ ମହିଳା। ସମସ୍ତଙ୍କ ବୟସ ୨୨ରୁ ୪୪ ବର୍ଷ ମଧ୍ୟରେ। ଏମାନଙ୍କ ଭିତରୁ ଜଣେ କତାରରୁ ଆସିଛନ୍ତି। ଜଣେ କଙ୍ଗୋରୁ ଆସିଥିବା ବେଳେ ଅନ୍ୟ ଜଣେ ୟୁଏଇରୁ ଆସିଛନ୍ତି। ୪ ଜଣ ଆକ୍ରାନ୍ତଙ୍କର ଆନ୍ତର୍ଜାତୀୟ ଟ୍ରାଭେଲ ହିଷ୍ଟ୍ରି ଅଛି। କିନ୍ତୁ ପଂଚମ ବ୍ୟକ୍ତିଙ୍କର ଯାତ୍ରା ବିବରଣୀ ନାହିଁ। ସେ କିଛି ଦିନ ପୂର୍ବରୁ ରାୟପୁର ଓ ହାଇଦ୍ରାବାଦ ଯାଇଥିଲେ। ସମସ୍ତଙ୍କ କଂଟାକ୍ଟ ଟ୍ରେସିଂ ସରିଛି। ଜଣଙ୍କର କଂଟାକ୍ଟ ଟ୍ରେସିଂରେ ପଜିଟିଭ୍ ଆସିଛି ଏବଂ ତାଙ୍କର ରିପୋର୍ଟକୁ ଜେନମ ସିକ୍ୱେନ୍ସି ପାଇଁ ପଠାଯାଇଛି । ଦୁଇ ଜଣଙ୍କର କଂଟାକ୍ଟ ଟ୍ରେସିଂ ନେଗେଟିଭ ଆସିଛି। ଆଉ ଦୁଇ ଜଣଙ୍କର ଏପର୍ଯ୍ୟନ୍ତ ରିପୋର୍ଟ ଆସିନି। ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି ଦୁଇ ଜଣ ହସ୍ପିଟାଲରେ ଅଛନ୍ତି ।ରାଜ୍ୟରେ କରୋନାର ନୂଆ ଭାରିଆଂଟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୧୦ ଦିନ ମଧ୍ୟରେ ୧୪ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଗତ ୨୧ ତାରିଖରେ ରାଜ୍ୟରେ ପ୍ରଥମ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।








## ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି

ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ

ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନିତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




### ଉପାନ୍ତ ଓଡ଼ିଶା ୱେବ ଚେନେଲର ସ୍ୱନକ୍ଷତ୍ର ଦିବସ

# ସାଧାରଣ ଜନତାଙ୍କ ବିକାଶ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



ମୋହନା (ଗଜପତି) (ପିଏନ୍): ଗଜପତି ଜିଲ୍ଲାର ଦୁର୍ଗମ ଆଦିବାସୀ ବହୁଳ ମୋହନାରୁ ପ୍ରକାଶ ପାଉଥିବା ଉପାନ୍ତ ଓଡିଶା ୱେବ ଚେନେଲ ଆଜିକା ଦିନରେ ଓଡ଼ିଶାର ପୁରପଲ୍ଲୀରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଲୋକଙ୍କ ଆଦର ପାଇ ଲୋକଙ୍କ ସମସ୍ୟା ସମାଧାନରେ ପ୍ରଶାସନର ଦୃଷ୍ଟିକୁ ଆଣି କାର୍ଯ୍ୟ ଚାଲୁ ରଖିଥିବାରୁ ଉପସ୍ଥିତ ଅତିଥିମାନେ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ତପ୍ତପାଣି ନିକଟସ୍ଥ ହିଲ୍ ଭିଉ ତରୁନ୍ ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ନିଜ ବକ୍ତବ୍ୟରେ ଉପସ୍ଥିତ ସାମ୍ବାଦିକ ଏବଂ ଅତିଥିଙ୍କୁ ସରକାରଙ୍କ ନଜରକୁ ଆଣି ସାମ୍ବାଦିକଙ୍କ ସମସ୍ୟା ସମାଧାନର ବାଟ ଖୋଲିବା ପାଇଁ ଦାବି କରିବେ ବୋଲି କହିଥିଲେ। ଏହା ସହ ଅନ୍ୟତମ ଅତିଥି ଭାବେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଭାପତି ତଥା 'ନବୀନ'ର ସମ୍ପାଦକ ରବି ରଥ ନିଜ ବକ୍ତବ୍ୟରେ ଖବରକାଗଜ ମାଲିକମାନେ ଛୋଟ ଛୋଟ ସମ୍ବାଦପତ୍ର ଏବଂ ମାଲିକମାନଙ୍କୁ ଦବେଇବା ପାଇଁ ଚେଷ୍ଟାକରି ବର୍ତ୍ତମାନ ସୁଦ୍ଧା ସଫଳ ହୋଇପାରିନଥିବା ପ୍ରକାଶ କରିଥିଲେ। ଏହାସହ ଆଜିକା ଦିନରେ ଛୋଟ ଛୋଟ ପତ୍ରିକା ମଧ ତାହାର ଗୁଣବତା ବଜାୟ ରଖିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ ଚେନେଲର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ସାହୁ ନିଜ ବକ୍ତବ୍ୟରେ ଉପାନ୍ତ ଓଡିଶା ଚେନେଲ ଏକ ବର୍ଷ ମଧ୍ୟରେ ପ୍ରତିଦ୍ୱନ୍ଦିକାକୁ ଆସିଥିବା ପ୍ରକାଶ କରିଥିଲେ। ଏହା ସହ ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଇଂ.ନଗେନ୍ଦ୍ର ନାଥ ମହାରଣା ନିଜ ବକ୍ତବ୍ୟରେ ଗଠନ ମୂଳକ ସମ୍ବାଦ ପରିବେଷଣ କରିବା ନିମନ୍ତେ ସମସ୍ତ ସାମ୍ବାଦିକଙ୍କୁ ଉପଦେଶ ଦେଇଥିଲେ। ଏହା ସହ ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠାତା ସଭାପତି ଭାଗବତ ଚାରି ଟେବୁଲ ଟ୍ରଷ୍ଟ ପ୍ରକାଶ ଚନ୍ଦ୍ର ପାତ୍ର ଉପସ୍ଥିତ ସାମ୍ବାଦିକଙ୍କୁ ଗଠନ ମୂଳକ ସମ୍ବାଦ ପରିବେଷଣ କରି ସମାଜର ସମସ୍ତ ବର୍ଗର ଲୋକଙ୍କୁ ସାହାଯ୍ୟ କରିବା ନିମନ୍ତେ ସାମ୍ବାଦିକଙ୍କୁ ଉପଦେଶ ଦେଇଥିଲେ। ତତ୍ ସଙ୍ଗେ ସଙ୍ଗେ ଆର.ଉଦୟଗିରି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ଦାସ ଉପସ୍ଥିତ ହୋଇ ଦୁର୍ଗମ ଅଞ୍ଚଳରେ ଏହି ଚେନେଲ ପ୍ରଥମ ସମସ୍ତ ଘଟଣା ପ୍ରକାଶ କରି ପ୍ରଶାସନର ଦୃଷ୍ଟିକୁ ଆଣି ଲୋକଙ୍କ ସମସ୍ୟା ସମାଧାନରେ ଆଗରେ ଥିବା କହିଥିଲେ। ଏହା ପରେ ସଭାରେ ସ୍ଥାୟୀ ଲୋକ ଅଦାଲତ ସଭ୍ୟା ସବିତା ସାହୁକର ନିଜ ବକ୍ତବ୍ୟରେ ଉପାନ୍ତ ଓଡିଶା ଦୁର୍ଗମ ଅଞ୍ଚଳରେ ଆରମ୍ଭ ହୋଇ ବର୍ତ୍ତମାନ ନିଉଜ ମଧ୍ୟରେ ଆଗରେ ଥିବା ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥି ଭାବେ ସମାଜସେବୀ ତ୍ରିନାଥ ବିଶୋଇରତ୍ନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପ୍ରଧାନ, ଅବନ୍ତି ମିଶ୍ର, ଦଣ୍ଡାସି ସାହୁ,



ଶଙ୍କର ପ୍ରଧାନ, ଗୌରାଙ୍ଗ ଚରଣ ସ୍ୱାଇଁ, ଶରତ ଦାଶ, ନୃସିଂହ ଚରଣ ବାରିକ ପ୍ରମୁଖ ଉପସ୍ଥିତ ରହି ଉପାନ୍ତ ଓଡିଶା ଚେନେଲ ଦୁର୍ଗମ ଅଞ୍ଚଳର ଗରିବ ନିଷ୍ପେସିତ ଲୋକଙ୍କ ସମସ୍ୟା ସମାଧନରେ ଅଗ୍ରଣୀ ଭୂମିକା ଲିଭାଉଥିବା କହିଥିଲେ। ଏହି ପ୍ରଥମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମୁଖ୍ୟ ସମ୍ପାଦକ ଗଣେଶ ଚନ୍ଦ୍ର ବିଷୋୟୀ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ, ଚାରିଟେବୁଲ ଟ୍ରଷ୍ଟ ସଭାପତି ଏସ୍. ପ୍ରକାଶ ପାତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିବା ଶିଶୁଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଡେସ୍କ ଏଡିଟର ବିଷ୍ଣୁପ୍ରିୟା ବିଷୋୟୀଙ୍କୁ ଉପଢୌକନ ସହ ସମସ୍ତ ସାମ୍ବାଦିକଙ୍କୁ ଅତିଥିମାନେ ପ୍ରମାଣ ପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ସହକାରୀ ସମ୍ପାଦକ ଦୀପକ କୁମାର ଷଡଙ୍ଗୀ ଏବଂ ଓଡିଶା ମୁଖ୍ୟ ପଣ୍ଡିତ ଅଜିତ କୁମାର ଦାସଙ୍କ ସମେତ ଓଡ଼ିଶାର ସମସ୍ତ ଅଞ୍ଚଳରୁ ଶତାଧିକ ସାମ୍ବାଦିକ, ସୁବେଚ୍ଛୁ ଉପସ୍ଥିତ ଥିଲେ।

# ରତ୍ନାବଳୀ ଶକ୍ତିପୀଠ, ପଶ୍ଚିମବଙ୍ଗ



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "ରତ୍ନାବଳୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଖାନକୁଲ-କୃଷ୍ଣନଗର ରତ୍ନାକର ନଦୀ କୂଳରେ ଏହି ମନ୍ଦିର ଅବସ୍ଥିତ। ଏହା "ରତ୍ନାବଳୀ ଶକ୍ତିପୀଠ" ଭାବରେ ପରିଚିତ। ତେବେ "ରତ୍ନାବଳୀ ଶକ୍ତିପୀଠ"ର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି। ଅର୍ଥାତ୍ ଶକ୍ତିପୀଠର ସଠିକ୍ ସ୍ଥାନ ଅଜ୍ଞାତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ




ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା



ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ରତ୍ନାବଳୀ ଶକ୍ତିପୀଠ"ରେ ମାତା ସତୀଙ୍କର ଡ଼ାହାଣ କାନ୍ଧ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'କୁମାରୀ' ରୂପରେ ପୂଜା କରାଯାଏ ଏବଂ ଭଗବାନ ଶିବଙ୍କୁ 'ଭୈରବ'



ରୂପରେ ପୂଜା କରାଯାଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ନବରାତ୍ର ସମୟରେ ଏଠାକାର ପରିବେଶ ଖୁବ୍ ଆକର୍ଷକ ଓ ଶକ୍ତିମୟ ହୋଇଯାଏ। ଏହି ସମୟରେ ମନ୍ଦିର ପ୍ରାଙ୍ଗଣରେ ଶକ୍ତିଙ୍କୁ ଆରାଧନା କରାଯାଏ। ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାତାଙ୍କ ଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି।

**କେମିତି ଯିବେ:** (୧) ନିକଟସ୍ଥ ରେଳ ଷ୍ଟେଷନ୍ ଠାରୁ ମାତ୍ର ୭୩.୬ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। (୨)ନିକଟସ୍ଥ ନେତାଜୀ ସୁବାଶଚନ୍ଦ୍ର ବିମାନ ବନ୍ଦର ଠାରୁ ମାତ୍ର ୭୭.୮ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। ପ୍ରତିଦିନ ମନ୍ଦିର ସକାଳ ୫.୩୦ରୁ ଖୋଯାଏ ଓ ରାତି ୧୦ଟାରେ ବନ୍ଦ ହୁଏ।

**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଅବସରରେ ରାଜଭବନ ଛକରେ ଥିବା ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ ମାର୍ଗରେ ଥିବା ସମ୍ମିଳନୀର ପ୍ରଥମ ସଭାପତି ମୟୁରଭଂଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେବଙ୍କ ପ୍ରତିମୂର୍ତ୍ତିରେ ସକାଳ ୯ ଟା ଓ ୯-୩୦ ମିନିଟ ସମୟରେ ମାଲ୍ୟାର୍ପଣ କରାଯାଇ ଦିବସ ପାଳନ କରାଯାଇଛି । ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କୁ ଉତ୍କଳ ସମ୍ମିଳନୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଶ୍ରୀ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡିଆ ଭାଷା ସାହିତ୍ୟର ଉନ୍ନତି କରିବାକୁ ହେଲେ ପ୍ରତେକ ଓଡିଆ ନିଜ ଘରକୁ ଏକାଧିକ ଓଡିଆ ଖବରକାଗଜ କିଣି ପାଠ କରିବା ଉଚିତ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିରଂଜନ ଦାଶ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ଭୁବନେଶ୍ୱର ଶାଖା ଉପ-ସଭାପତି ସୁବ୍ରତ ମହାପାତ୍ର ଓ ସମ୍ପାଦକ ରାଜେଶ ସାହୁଙ୍କ ସହିତ ବ୍ରହ୍ମପୁରରୁ ଶରତ ଚନ୍ଦ୍ର ସାହୁ, ବାଙ୍କୀରୁ କାମଦେବ ମହାପାତ୍ର, ପ୍ରସନ୍ନ ରଥ, ରୁଷି ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ଅଜୟ କାନୁନଗୋ, ପତିତପାବନ ତ୍ରିପାଠି ଓ ପୃଥିରାଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

## ଅବସରପ୍ରାପ୍ତ ଅଗ୍ନିସମ ସେବା ଅଧିକାରୀଙ୍କ ପରଲୋକ

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା ସଦରମହକୁମା ଅଗ୍ନିଶମ ସେବା କେନ୍ଦ୍ରରେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ଅଗ୍ନିଶମ ସେବା ଅଧିକାରୀ ଶ୍ରୀ ଜତିନ୍ଦ୍ରନାଥ ନାୟକଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା । କଟକ ଜିଲ୍ଲା ନିଆଳି ବ୍ଲକ ଡିହ ସିଠାଳ ଗ୍ରାମରେ ଜନ୍ମିତ ଶ୍ରୀ ନାୟକ ଚାକିରୀ ଜୀବନରେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରି କର୍ମଚାରୀ ମହଲରେ ସୁନାମ ଅର୍ଜନ କରିଥିଲେ । ଅବସର ଗ୍ରହଣ ପରେ ସେ ନିଜ ଗ୍ରାମ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସଂପୃକ୍ତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ଅନ୍ତେ ପତ୍ନୀ ହରପ୍ରିୟା, ୨ ପୁଅ, ୩ ଝିଅ ଓ ନାତିନାତୁଣୀ ରହିଛନ୍ତି । ତାଙ୍କ ବିୟୋଗରେ ଡିହ ସିଠାଳ ଜନ୍ମମାଟି ସ୍ଥିତ ପରିବାରବର୍ଗ, ବନ୍ଧୁ ଓ ସହକର୍ମୀ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଅସହାୟ, ଜରାଗ୍ରସ୍ତଙ୍କୁ ଶୀତବସ୍ତ୍ର ବଣ୍ଟନ

ଭୁବନେଶ୍ୱର (ପିଏନ୍): ବୌଦ୍ଧିକ ସମାବେଶ ଓଡ଼ିଶା ଓ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ବମିଖାଲର ମିଳିତ ଆନୁକୂଲ୍ୟରେ ଡ଼େରାଶ ନିକଟ କଣ୍ଟାବାଡ଼ ଗ୍ରାମରେ ମହାନ୍ ସମାଜସେବୀ, ଶିକ୍ଷାବିତ୍, ସ୍ୱର୍ଗତଃ କାଳିପ୍ରସାଦ ସାମନ୍ତରାୟଙ୍କ ୫୯ତମ ଜୟନ୍ତୀ ଉପଲକ୍ଷେ ଅସହାୟ, ଜରାଗ୍ରସ୍ତ, ଦୁଃସ୍ଥ ପରିବାରବର୍ଗଙ୍କୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ସଭାପତି ଭାଷାବିତ୍, ଶିକ୍ଷାବିତ୍, ସୀତାବଲ୍ଲଭ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟ ଓ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ଓ ସମସ୍ତେ ନିଜ ନିଜ ସ୍ତରର ସାମାଜିକ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ବୌଦ୍ଧିକ ସମାବେଶର ଉପସଭାପତି ତଥା ସାମ୍ବାଦିକ ସୌଭାଗ୍ୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସ୍ୱର୍ଗତଃ କାଳିପ୍ରସାଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଗରିବ ଅସହାୟଙ୍କୁ କମ୍ପ୍ୟୁଟର ଶିକ୍ଷା, ନୈତିକ ଶିକ୍ଷା, ମାତୃଭାଷା ପାଇଁ କାର୍ଯ୍ୟ, ଦରିଦ୍ର ନାରାୟଣ ସେବା, ସ୍ୱାସ୍ଥ୍ୟସେବା, ସାମ୍ବାଦିକତା ଶିକ୍ଷା ସହିତ ବୃକ୍ଷରୋପଣ ଓ ରକ୍ତଦାନର ମହାନ କାଣ୍ଡାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନର ସଦସ୍ୟ ବିଜୟ ପରିଡ଼ା, ସଞ୍ଜୀବ ପର୍ଡା, ଶରତ ରାଉତ ପ୍ରମୁଖ ସହଯୋଗ କରିଥିବା ବେଳେ ଶିବ ପଟ୍ଟନାୟକ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ




କେନ୍ଦ୍ରାପଡ଼ା (ପିଏନ୍): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଓ ଗୁରୁବ୍ରଦର୍ସର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ ଡାଳିକଏନ୍ଦା ଠାରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ୍‌ର କ୍ୱାଟର ଫାଇନାଲ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ ଟୁର୍ଣ୍ଣାମେଂଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୮ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ। ଏହି କ୍ୱାଟର ଫାଇନାଲ ମ୍ୟାଚରେ ଓଳାବର କ୍ରିକେଟ କ୍ଲବ ସହିତ ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା କ୍ରିକେଟ କ୍ଲବ ଖେଳିଥିବା ବେଳେ ଓଳାବର କ୍ରିକେଟ କ୍ଲବକୁ ୮ ଉକେଟରେ ହରାଇ ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା କ୍ରିକେଟ କ୍ଲବ ବିଜୟ ଲାଭ କରିଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ମୁଖ୍ୟବକ୍ତା ଭାବେ କରୁଣାକର ଦାସ, ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସରକାରୀ ଓକିଲ ସଂଜୟ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ବିଜୟୀ ଦଳ ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା କ୍ରିକେଟ କ୍ଲବକୁ ଓ ପରାଜିତ ଦଳ ଓଳାବର କ୍ରିକେଟ କ୍ଲବକୁ ପୁରସ୍କୃତ କରିଥିଲେ। ପ୍ରଥମେ ଅତିଥିମାନେ ବିପ୍ଳବୀ ଜେନାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଦୁଶାସନ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଭାପତି ପ୍ରମୋଦ ରାଉତ, ସଂପାଦକ ସରୋଜ ବେହେରା, ଅମ୍ପେୟାର ନିଗମାନନ୍ଦ ବେହେରା, ଓ ପ୍ରକାଶ ସାହୁ ଉପସ୍ଥିତ ରହି ଟୁର୍ଣ୍ଣାମେଂଟ ପରିଚାଳନା କରିଥିଲେ। ଶେଷରେ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଟିଏ ଗ୍ରାମର ଦୁଇଜଣଙ୍କ ପରଲୋକ

ଫୁଲନଖରା (ପିଏନ୍)-ସଦର ଥାନା ଗଙ୍ଗେଶ୍ୱର ମୌଜା ଅନ୍ତର୍ଗତ ଈଶ୍ୱରପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିପ୍ରଚରଣ ସାହୁଙ୍କ ୭୫ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ସଂସ୍କୃତିପ୍ରେମୀ ବ୍ୟକ୍ତିଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସମିତି ସଦସ୍ୟ କୈଳାସଚନ୍ଦ୍ର ସାହୁ, ମୁରବି ସିଦ୍ଧେଶ୍ୱର ସାହୁ, ଜୟଦେବ ସାହୁ, ବିଶ୍ୱନାଥ ସାହୁ, ଅଜିତରନ ସାହୁ, ପ୍ରାକ୍ତନ ସରପଞ୍ଚ ଦିଲୀପ ପାତ୍ର, ସାବିତ୍ରୀ ସାହୁ, ଚିତ୍ତରଂଜନ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା କରାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ବିନାୟକ ସାହୁ ମୁଖାଗ୍ନି ଦେଇଥିଲେ। ଅନ୍ୟପକ୍ଷରେ ସେହି ଗ୍ରାମର ଦୀନବନ୍ଧୁ ସାହୁଙ୍କର ମଧ୍ୟ ସେହିଦିନ ୮୦ବର୍ଷ ବୟସରେ ପରଲୋକ ହୋଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଦୀପକକୁମାର ସାହୁ ମୁଖାଗ୍ନି ଦେଇଥିଲେ। ଗୋଟିଏ ଦିନରେ ଦୁଇଜଣଙ୍କ ମୃତ୍ୟୁକୁ ନେଇ ଈଶ୍ୱରପୁର ଗ୍ରାମରେ ଶୋକ ପ୍ରକାଶ ପାଇଛି।

## ମଦ ଜବତ, ଜଣେ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମରରେ ପୁଲିସ ଚଢାଉ କରି ୩୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଚନ୍ଦ୍ରମଣି ମଲିକ (୨୫)। ସେ ମଦ ନେଇ ଯାଉଥିବା ବେଳେ ପୋଲିସ ହାବୁଡରେ ପଡିଥିଲା। ପୁଲିସ ତା' ନିକଟରୁ ମଦ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିଥିଲା। ଏନେଇ ୩୭୦/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ଅଂଚଳବାସୀଙ୍କ ସହଯୋଗ ରହିଲେ ପାଇପାରିବେ ଉତମ ପୋଲିସ ସେବା



ଗୋପାଳପୁର (ପିଏନ୍): କଟକସଦର ବ୍ଲକ ଅଧିନ ବେଂଟକାରଠାରେ ବୟାଳିଶମୌଜା ଥାନା ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଆଭାସୀ ଉଦ୍ଘାଟନ ପରେ ପୁଲିସ ଆୟୁକ୍ତ ସୌମେନ୍ଦ୍ର ପ୍ରୀୟଦର୍ଶୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ବୟାଳିଶମୌଜା ଥାନା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଚନ୍ଦ୍ରସାରଥି ବେହେରା ସଭାପତିତ୍ୱ କରିଥିବା ବେଳେ ଉଦ୍‌ଘାଟକ ଭାବେ ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ସହରାଂଚଳ ଆରକ୍ଷୀ ଉପାୟୁକ୍ତ ପ୍ରତିକ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ କଟକସଦର ବ୍ଲକ ଉପାଧ୍ୟକ୍ଷ ବିଭୂତିଭୂଷଣ ପରିଡା, ବୀରବର ଲେଙ୍କା, ପ୍ରମୋଦ ମହାପାତ୍ର, ଶରତ ରାୟ, ଦଳିତ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ବିଦ୍ୟାଧର ପାତ୍ର, ପିୟୁଷ ପରିଡା, ତ୍ରିଲୋଚନ ଦଳାଇ, ମିହିର ରଂଜନ ପତି, ଅନୀଲ ଦାସ ପ୍ରମୁଖ ଅଂଚଳ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ । ଅଂଚଳ ତରଫରୁ ପୋଲିସ କମିଶନର, ଆରକ୍ଷୀ ଉପାୟୁକ୍ତ ଏବଂ ବିଧାୟକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କମିଶନରେଟ ପୋଲିସ ପକ୍ଷରୁ ଅନୀତା ସାହୁଙ୍କୁ ବୟାଳିଶମୌଜା ନୂତନ ଥାନାର ଆଇଆଇସି ଭାବରେ ଦାୟିତ୍ୱ ଅର୍ପଣ କରାଯାଇଛି । ଆୟୋଜିତ ସଭାରେ ପୁଲିସ କମିଶନର ବୟାଳିଶମୌଜାବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅଂଚଳବାସୀଙ୍କ ତରଫରୁ ସହଯୋଗ ଜାରି ରହିଲେ କମିଶନରେଟ ପୁଲିସ ତରଫରୁ ଉତମ ପୁଲିସ ସେବା ଯୋଗାଇ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିନୋଦ ବେହେରା, ପ୍ରଦ୍ୟୁମ୍ନ ମହାନ୍ତି, ଅଜୟ ଦଳାଇ, ଅସିମ ଦାସ, ସୁଧିର ଶତପଥି, ସ୍ୱାଧିନ ଶେଖର ଷଡଙ୍ଗୀ, ଦିପ୍ତିରଂଜନ ଶତପଥି, ବାବାଜୀ ଭୋଇ, ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଯୁବ ସମାଜସେବୀ ମିହିରରଂଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ରଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୩୧

# ସ୍ୱପ୍ନ ଓ ସମ୍ଭାବନାର ବର୍ଷ : ନବବର୍ଷ

ସମଗ୍ର ବିଶ୍ୱ ପାଇଁ ୨୦୨୧ ଏକ ଅଭୁଲା ବର୍ଷ ହୋଇ ରହିବ ଭୟାବହ ସମୟମାନଙ୍କୁ ଧରି । ଏକ ଅନନ୍ତ କାଳ ଯାଏ ଅସମାଧିତ ଏ ମହାମାରୀ କାବୁ କରି ପକେଇଛି ମଣିଷର ବୁଦ୍ଧି, ଜ୍ଞାନ, ଚିନ୍ତା, ଚେତନାର ଦୃପ୍ତ ଅହଂକାରକୁ । ଏଇ ଆଉ ଟିକେରେ ଏହି ଦୁଃସମୟ ଚାଲିଯିବ ଭାବୁ ଭାବୁ ପାଉଁଶ ହୋଇଯାଉଥିଲା ଆଶା ଏବଂ ଅଭିଳାଷ । ଇତିହାସରେ କାଳିମାର କଳା ଅକ୍ଷରରେ ଲିପିବଦ୍ଧ କରିଦେଇ ଆସୁଛି ତାର ବିଭତ୍ସତା । କିନ୍ତୁ ମାଟି ତଳେ ଥିବା ମଞ୍ଜି ଭିତରର ଜୀବନ ଶକ୍ତିକୁ ଲୁପ୍ତ କ'ଣ କିଏ କରିପାରେ ! ଈଶ୍ୱର ହିଁ ସ୍ରଷ୍ଟା, ସଞ୍ଜିବନୀ ତ' ତାଙ୍କ ଦୃଷ୍ଟିରେ । ମଣିଷ ତାଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି, ତାଙ୍କ ରଚିତ ସମ୍ଭାବନାର ଉତ୍ସ । ସେ ଶତ ତମସା ମଝିରେ ଠିଆ ହୋଇଥିଲେ ମଧ୍ୟ ତାରି ହୃଦୟର ଈଶ୍ୱର ହି ଆଶାର ଦୀପ ଜଳାଇ ରଖନ୍ତି, ଭରସା ଦିଅନ୍ତି, ଭରନ୍ତି ଆତ୍ମପ୍ରତ୍ୟୟ । ସେମିତି ଜୀବନକୁ ନୂଆ ଦୃଷ୍ଟିରେ ଦେଖି ତାକୁ ରୂପ ଦେଇପାରେ ସାହିତ୍ୟ । ଦୁର୍ଦ୍ଦିନରେ ଅଟକି ଯାଇନଥିଲା ସୃଜନଶୀଳତା; ବରଂ ଅଧିକ ଉଜ୍ଜ୍ୱଳ ହେଉଥିଲା ତାର ପ୍ରତିରୂପ ସାହିତ୍ୟ ଓ କଳାରେ । ଈଶ୍ୱର କରନ୍ତୁ ସକଳ ହୃଦୟର ପ୍ରାର୍ଥନାର ଦିବ୍ୟଶକ୍ତି ବଳରେ ଆସୁଥିବା ନୂତନ ବର୍ଷ ସୁନ୍ଦର ହେଉ !

ଭାରତର ସଂସ୍କୃତି, ବହୁ ଉପାଦାନରେ ଗଢ଼ା, ଯେଉଁଥିରେ ଭାରତର ଦୀର୍ଘ ଇତିହାସ, ଅଦ୍ୱିତୀୟ ଭୂଗୋଳ ଏବଂ ସିନ୍ଧୁ-ଘାଟୀର ପ୍ରାଚୀନ ସଭ୍ୟତା ସାମିଲ । ଏହାଛଡ଼ା ବୈଦିକ ଯୁଗରେ ପ୍ରଭାବ, ଭାରତରେ ବୌଦ୍ଧଧର୍ମ, ସ୍ୱର୍ଣ୍ଣଯୁଗର ଆରମ୍ଭ ଏବଂ ତାହାର ଅସ୍ତଗମନ ସହିତ ଆମର ନିଜ ପ୍ରାଚୀନ ସାମ୍ରାଜ୍ୟ ମଧ୍ୟ ସାମିଲ ହୋଇଛି । ଏହାସହିତ ପଡୋଶୀ ଦେଶର ଚାଲିଚଳନ, ପରମ୍ପରା ଏବଂ ବିଚାରର ମଧ୍ୟ ଏଥିରେ ସମାବେଶ ହୋଇଛି । ପାଞ୍ଚ ହଜାର ବର୍ଷ ପୂର୍ବରୁ ଅଧିକ ସମୟରେ ଭାରତର ରୀତିନିତି, ଭାଷା, ପ୍ରଥା ଏବଂ ପରମ୍ପରା ପରସ୍ପର ସମ୍ବନ୍ଧରେ ମହାନ ବିବିଧତାର ଏକ ଅଦ୍ୱିତୀୟ ଉଦାହରଣ ଦେଇଥାଏ । ଭାରତ ବହୁ ଧାର୍ମିକ ପ୍ରଣାଳୀ (religious systems), ଯେପରି ହିନ୍ଦୁଧର୍ମ, ଜୈନଧର୍ମ, ବୌଦ୍ଧଧର୍ମ ଏବଂ ଶିଖଧର୍ମ ପରି ଧର୍ମମାନଙ୍କର ଜନକ ଅଟେ । ଏହି ମିଶ୍ରଣରେ ଭାରତରେ ଉତ୍ପନ୍ନ ହେଉଥିବା ବିଭିନ୍ନ ଧର୍ମ ଏବଂ ପରମ୍ପରା ବିଶ୍ୱର ଅଲଗା-ଅଲଗା ଅଂଶକୁ ମଧ୍ୟ ବହୁ ପ୍ରଭାବିତ କରିପାରିଛି ।

ନୂତନ ବର୍ଷ ଏକ ଉତ୍ସବ ରୂପେ ସମସ୍ତ ବିଶ୍ୱରେ ଅଲଗା ଅଲଗା ସ୍ଥାନରେ ଅଲଗା ଅଲଗା ତିଥି ତଥା ବିଧିରେ ପାଳନ କରାଯାଏ । ବିଭିନ୍ନ ସମ୍ପ୍ରଦାୟର ନବବର୍ଷ ସମାରୋହ ଭିନ୍ନ ଭିନ୍ନ ହୋଇଥାଏ ଏବଂ ଏହାର ମହତ୍ତ୍ୱର ମଧ୍ୟ ବିଭିନ୍ନ ସଂସ୍କୃତିରେ ପରସ୍ପର ଭିନ୍ନତା ହୋଇଥାଏ ।

**ହିନ୍ଦୁ ନବବର୍ଷ:** ହିନ୍ଦୁ ମାନ୍ୟତା ଅନୁସାରେ ଭଗବାନଙ୍କ ଦ୍ୱାରା ବିଶ୍ୱକୁ ତିଆରି କରିବାରେ ସାତଦିନ ଲାଗିଥିଲା । ଏହି ସାତଦିନ ସନ୍ଧାନ ପରେ ନୂଆ ବର୍ଷ ମନାଯାଏ । ଏହି ଦିନ ଗ୍ରେଗରୀ କ୍ୟାଲେଣ୍ଡର ଅନୁସାରେ ୫ ସେପ୍ଟେମ୍ବରରୁ ୫ ଅକ୍ଟୋବର ମଧ୍ୟରେ ଆସିଥାଏ । ହିନ୍ଦୁମାନଙ୍କ ନବବର୍ଷ ଚୈତ୍ର ମାସ ନବରାତ୍ରିର ପ୍ରଥମ ଦିନ ମାନେ ଗୁଡି ପର୍ବରେ ସମସ୍ତ ବର୍ଷ ଚିନି କ୍ୟାଲେଣ୍ଡର ଅନୁସାରେ ପ୍ରଥମ ମାସର ପ୍ରଥମ ଚନ୍ଦ୍ର ଦିବସକୁ ନବବର୍ଷ ରୂପେ ପାଳନ କରାଯାଏ । ଏହା ପ୍ରାୟତଃ ୨୧ ଜାନୁଆରୀରୁ ୨୧ ଫେବୃଆରୀ ମଧ୍ୟରେ ପଡିଥାଏ ।

**ପଶ୍ଚିମୀ ନବବର୍ଷ:** ନବବର୍ଷ ଉତ୍ସବ ୪୦୦୦ ବର୍ଷ ପୂର୍ବରୁ ବେବିଲୋନରେ ପାଳିତ ହେଉଥିଲା । କିନ୍ତୁ ନୂଆ ବର୍ଷର ଏହି ଉତ୍ସବ ୨୧ ମାର୍ଚ୍ଚରେ ପାଳିତ ହେଉଥିଲା ଯାହା ବସନ୍ତର ଆଗମନ ତିଥି ମଧ୍ୟ ଭାବି ନିଆଯାଉଥିଲା । ପ୍ରାଚୀନ ରୋମରେ ମଧ୍ୟ ନବବର୍ଷୋତ୍ସବ ପାଇଁ ବଛା ଯାଇଥିଲା । ରୋମର 'ତାନାଶାହା' ଜୁଲିୟସ ସିଜରଇସା ପୂର୍ବ ୪୫ବିଂ ବର୍ଷରେ ଯେବେ 'ଜୁଲିୟସ କ୍ୟାଲେଣ୍ଡର' ସ୍ଥାପନା କରିଥିଲେ, ସେହି ସମୟରେ ବିଶ୍ୱରେ ପ୍ରଥମ ଥର ୧ ଜାନୁଆରୀକୁ ନୂତନ ବର୍ଷର ଉତ୍ସବ ପାଳନ କରାଗଲା । ଏହାକୁ କରିବା ପାଇଁ ଜୁଲିୟସ ସିଜରଙ୍କୁ ପୂର୍ବବର୍ଷ, ମାନେ ୪୬ ବର୍ଷ ତଳେ ୪୪୫ ଦିନର କରିବାକୁ ପଡିଥିଲା ।

**ଭାରତୀୟ ନବବର୍ଷ:** ଭାରତର ବିଭିନ୍ନ ଅଂଶରେ ନବବର୍ଷ ଅଲଗା ଅଲଗା ତିଥିରେ ପାଳନ କରାଯାଏ । ପ୍ରାୟତଃ ଏହି ତିଥି ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ପଡିଥାଏ । ପଞ୍ଜାବରେ ନୂଆବର୍ଷ 'ବୈଶାଖୀ' ନାମରେ ୧୩ ଏପ୍ରିଲରେ ପାଳନ କରାଯାଏ । 'ଶିଖ' ନାନକ ଶାହୀ କ୍ୟାଲେଣ୍ଡର ଅନୁସାରେ ୧୪ ମାର୍ଚ୍ଚରେ ହୋଲା ମୋହଲ୍ଲା ନୂଆବର୍ଷ ହୋଇଥାଏ । ଏହି ତିଥି ପାଖାପାଖି ବଙ୍ଗାଳୀ ତଥା ତାମିଲ ନବବର୍ଷ ମଧ୍ୟ ଆସିଥାଏ । ତେଲୁଗୁ ନବବର୍ଷ ମାର୍ଚ୍ଚ-ଏପ୍ରିଲ ମଧ୍ୟରେ ଆସିଥାଏ । ଆନ୍ଧ୍ରପ୍ରଦେଶରେ ଏହାକୁ 'ଗୁଡ଼ି ପର୍ବ' (ଯୁଗାଦୀ=ଯୁଗ+ଆଦୀର ଅପଭ୍ରଂଶ) ରୂପେ ପାଳିତ ହୁଏ । ଏହା ଚୈତ୍ର ମାସର ପ୍ରଥମ ଦିନ ହୋଇଥାଏ । ତାମିଲ ନବବର୍ଷ ବିଶୁ ୧୩ କିମ୍ବା ୧୪ ଏପ୍ରିଲରେ ତାମିଲନାଡୁ ଏବଂ କେରଳରେ ପାଳିତ ହୁଏ । ତାମିଲନାଡୁରେ ପୋଙ୍ଗଲ ୧୫ ଜାନୁଆରୀରେ ନବବର୍ଷ ରୂପେ ପାଳନ କରାଯାଏ । କାଶ୍ମୀରୀ କ୍ୟାଲେଣ୍ଡର ନବରେହ ୧୯ ମାର୍ଚ୍ଚରେ ହୋଇଥାଏ । ମହାରାଷ୍ଟ୍ରରେ ଗୁଡ଼ି ପର୍ବ ରୂପେ ମାର୍ଚ୍ଚ-ଏପ୍ରିଲ ମାସରେ ପାଳନ କରାଯାଏ । କନ୍ନଡ଼ ନବବର୍ଷ ଉଗାଡ଼ି କର୍ଣ୍ଣାଟକ ଲୋକ ଚୈତ୍ର ମାସ ପୂର୍ବଦିନରୁ ପାଳିତ ହୁଏ । ସିନ୍ଧି ଉତ୍ସବ 'ଚେଟି ଚଣ୍ଡ', ଉଗାଡୀ ଏବଂ ଗୁଡ଼ି ପର୍ବ ଗୋଟିଏ ଦିନରେ ପାଳିତ ହୁଏ । 'ମଦୁରୋ'ରେ ଚୈତ୍ର ମାସରେ ଚୈତ୍ର ତେରୁବିଜା ନବବର୍ଷ ରୂପେ ପାଳନ ହୁଏ । 'ମାରୁଆଡ଼ି'ମାନଙ୍କ ନବବର୍ଷ ଦୀପାବଳୀ ଦିନ ହୋଇଥାଏ । 'ଗୁଜୁରାଠୀ' ନବବର୍ଷ ଦୀପାବଳୀର ଦ୍ୱିତୀୟ ଦିନ ହୋଇଥାଏ, ଯାହା ଅକ୍ଟୋବର କିମ୍ବା ନଭେମ୍ବର ମାସରେ ପଡିଥାଏ । ବଙ୍ଗାଳୀ ନବବର୍ଷ ପ୍ରଥମ ବୈଶାଖୀ ୧୪ କିମ୍ବା ୧୫ ଏପ୍ରିଲରେ ପଡିଥାଏ । ପଶ୍ଚିମ ବଙ୍ଗାଳୀ ଏବଂ ବଙ୍ଗଳାଦେଶରେ ଏହି ଦିନ ନବବର୍ଷ ପାଳିତ ହୁଏ । ଭାରତୀୟ ନବବର୍ଷ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଞ୍ଚଳରେ ପାଳିତ ହୋଇଥାଏ । ପାଳନ ସମୟ ଚନ୍ଦ୍ର ବା ସୂର୍ଯ୍ୟ ପଂଜିକା ଉପରେ ନିର୍ଭର କରିଥାଏ । ଯେଉଁ ରାଜ୍ୟଗୁଡ଼ିକ ସୂର୍ଯ୍ୟ ପଂଜିକା ମାନନ୍ତି, ସେହି ରାଜ୍ୟବାସୀ ଭାରତୀୟ ପ୍ରଥମ ମାସ, ବୈଶାଖର ପ୍ରଥମ ସଂକ୍ରାନ୍ତିରେ ନବବର୍ଷ ପାଳନ କରନ୍ତି । ଅଧିକାଂଶତଃ ଇଂରାଜୀ କ୍ୟାଲେଣ୍ଡରର ଏପ୍ରିଲ ମାସର ୧୩ରୁ ୧୫ ତାରିଖ ଭିତରେ ଏହି ସଂକ୍ରାନ୍ତି ପଡିଥାଏ । ଅନ୍ୟପକ୍ଷରେ ଯେଉଁମାନେ ଚନ୍ଦ୍ର ପଂଜିକା ମାନି ଚଳନ୍ତି, ସେମାନେ ଇଂରାଜୀ ମାସ ମାର୍ଚ୍ଚ ବା ଭାରତୀୟ ଚୈତ୍ର ମାସରେ ନବବର୍ଷ ପାଳନ କରନ୍ତି । ଏଣୁ କିଛି ଅଞ୍ଚଳରେ ପୂର୍ଣ୍ଣମୀରୁ ପୂର୍ଣ୍ଣମୀ ଗୋଟିଏ ମାସ ହିସାବ କଲାବେଳେ କିଛି ଅଞ୍ଚଳରେ ସଂକ୍ରାନ୍ତିରୁ ସଂକ୍ରାନ୍ତି ମାସ ହିସାବରେ ଧରାଯାଏ ।

**ଇସ୍ଲାମୀ ନବବର୍ଷ:** ଇସ୍ଲାମୀ କ୍ୟାଲେଣ୍ଡରର ନବବର୍ଷ ମହରମ ହୋଇଥାଏ । ଏହି କ୍ୟାଲେଣ୍ଡର ଏକ ପୂର୍ଣ୍ଣତଃ ଚନ୍ଦ୍ର ଆଧାରିତ କ୍ୟାଲେଣ୍ଡର ଅଟେ, ଯାହା କାରଣରୁ ଏହାର ବାର ମାସର ଚକ୍ର ୩୩ ବର୍ଷରେ ସୌର୍ଯ୍ୟ କ୍ୟାଲେଣ୍ଡରକୁ ଗୋଟେ ଥର ବୁଲିଥାଏ । ଏହି କାରଣରୁ ନବବର୍ଷ ପ୍ରଚଳିତ (ଗ୍ରେଗୋରୀ କ୍ୟାଲେଣ୍ଡର)ରେ ଅଲଗା ଅଲଗା ମାସରେ ପଡିଥାଏ ।

**ଅମିନିଲୁ ରାୟ, ଘାଗଡା, ରାହାମା, ଜଗତସିଂହପୁର, ମୋ-୭୯୭୮୪୩୯୨୧୪**

## ଆଜିର ଅନୁଚିନ୍ତା

ଗଛ ମୂଳରେ ଛିଡ଼ାହୋଇ ଗଛକୁ କାଟୁଥିବା ବ୍ୟକ୍ତିକୁ ମଧ୍ୟ ସେହି ଗଛ ଛାୟା ପ୍ରଦାନ କରିବାରୁ ବିରତ ହୁଏ ନାହିଁ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଗଂଗାଧର:ଗଂଗାଧାର

**••••••••••ମାୟାଧର ନାୟକ••••••••••**

ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ– ଏଇ ଓଡିଶାରେ ଦିନେ ମୁକୁନ୍ଦଦେବ ଗଂଗାନଦୀକୁ ଓଡିଶା ଆଣିବାକୁ ତପସ୍ୟାରେ ବସିଲେ ଏବଂ ଘୋଷଣା କଲେ ଯିଏ ମୋ' ତପସ୍ୟା ଭଂଗ କରିବ, ତାକୁ ଦି'ଖଣ୍ଡ କରିଦେବି ।

ରାଜାଙ୍କ ତପସ୍ୟା ଦିନପରେ ଦିନ ବଢିଚାଲିଲା । ଗଂଗା କିନ୍ତୁ ଓଡିଶା ଆସିଲା ନାହିଁ । ସେନାପତି କହିଲେ, ମୋ ଗଣ୍ଡି ବରଂ ଦି'ଗଡ ହେଉ, ରାଜା ତପସ୍ୟା ଭାଙ୍ଗନ୍ତୁ । ମନ୍ତ୍ରୀ କହିଲେ, ନା-ନା ବରଂ ବଂଶୀବାଦନ କରାଯାଇ ରାଜାଙ୍କ ତପସ୍ୟା ଭଂଗ କରାଯାଉ । ସେଇୟା ହେଲା ।

ରାଜାଙ୍କ ତପସ୍ୟା ଭଂଗ ହେଲା । ଯିଏ ତାଙ୍କ ତପସ୍ୟା ଭଂଗ କଲା, ରାଜା ତାକୁ ଦି'ଖଣ୍ଡ କରିବାକୁ ଆଦେଶ ଦେଲେ । ମନ୍ତ୍ରୀ କହିଲେ, ହଜୁରଙ୍କ ତପସ୍ୟା ଏଇ ବଂଶୀଖଣ୍ଡକ ଭଂଗ କରିଛି, ବରଂ ବଂଶୀଟିକୁ ଦି'ଖଣ୍ଡ କରାଯାଉ । ସେଇୟା ମଧ୍ୟ ହେଲା । ଏଠାରେ ଏ ପ୍ରବାଦ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା– ଓଡିଶାକୁ ରାଜା ସିନା ଗଂଗାନଦୀକୁ ଆଣିପାରିଲେ ନାହିଁ; କିନ୍ତୁ ଗଂଗାଧର ମେହେର ସାରା ଭାରତରେ ଗଂଗାଜଳ ଛିଂଚିଦେଲେ; ଗଂଗାଧରଙ୍କ ପବିତ୍ର ଗଂଗାଜଳରେ ଓଡିଶା ସିକ୍ତ ହେଲା । ଗଂଗାଧରଙ୍କ ହୃଦୟରୁ ଯେଉଁ ଜଳ ଉତ୍ସରିତ ହେଲା, ତାହା ପ୍ରକୃତରେ 'ଗଂଗାଧାର' ।

ଗଂଗାଧର ମେହେରଙ୍କ ପ୍ରାଂଜଳ ପଦ୍ୟାବଳୀ ଅଧିକାଂଶ ସ୍କୁଲରେ ହଷ୍ଟେଲରେ ପ୍ରାର୍ଥନାବେଳେ ସମସ୍ୱରରେ ସ୍ପଂଦିତ ହୁଏ । 'ମଙ୍ଗଳେ ଅଇଲା ଉଷା' ଏବେବି ଗୁଂଜରଣ ସୃଷ୍ଟି କରେ । ତାଙ୍କ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, ରସରତ୍ନାକର ଓ କୀଚକବଧ ଭଳି କାବ୍ୟ ଭାରତୀୟ ଭାଷାସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି । ଏହି କାବ୍ୟପୁସ୍ତକର ଅଧିକାଂଶ ହିନ୍ଦୀ ଓ ଇଂରାଜୀ ଭାଷାରେ ମଧ୍ୟ ଅନୁବାଦ ହୋଇସାରିଛି ।

ଗଙ୍ଗାଧର ମେହେରଙ୍କୁ ଆମେ ପିଲାଦିନୁ ସ୍କୁଲ ଛାତ୍ରାବସ୍ଥାରୁ ସ୍ୱଭାବକବି ବୋଲି ଶୁଣିଆସୁଛୁ; କିନ୍ତୁ ଏହି 'ସ୍ୱଭାବ କବି'ଙ୍କ ପାଇଁ ଅଭାବର ମରୁଭୂମିରେ କିପରି 'ଭାବ' ଫୁଟିଉଠିଛି ଦେଖନ୍ତୁ – 'ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନସର/ଜଂଜାଳଜଳଦ ଜାଳେ ଆବିଳ ଉଦର ।' ୧୮୬୨ରେ ପଶ୍ଚିମ ଓଡିଶାର ବରପାଲିରେ ଜନ୍ମିତ ଗଙ୍ଗାଧର ମେହେର । ମାତ୍ର ୬୨ ବର୍ଷରେ ସେ ତାଙ୍କ ଖେଳାଲୀଳା ସାରି ବାହୁଡିଗଲେ । ଛାଡିଦେଇଗଲେ ଅମୂଲ୍ୟ ସଂପଦ ।

ଆମେ ରବୀନ୍ଦ୍ରନାଥ ଠାକୁରଙ୍କୁ ବିଶ୍ୱକବି ବୋଲି ଜାଣୁ । ରବି ଠାକୁର ଗଂଗାନଦୀର ନୀଳଜଳ ତରଙ୍ଗକୁ ବାରମ୍ବାର ଉପଭୋଗ କରିଛନ୍ତି । ଗଂଗାଜଳ ରବି ଠାକୁରଙ୍କୁ ପବିତ୍ର କରିଛି, କିନ୍ତୁ ଓଡିଶାର 'ଟାଗୁର' ଗଂଗାଧର ମେହେର ନିଜ ରାଜ୍ୟର ମାଟିପାଣିପବନରେ ବିଭୋର ହୋଇ ଯେଉଁ କାବ୍ୟକବିତା ରଚନା କରିଗଲେ, ତାହା ରବି ଠାକୁରଙ୍କ କାବ୍ୟଠାରୁ ପ୍ରସାଦଗୁଣ ଦୃଷ୍ଟିରୁ କୌଣସିଗୁଣରେ କମ୍ ନୁହେଁ । ଆମେ ସବୁ ହତଭାଗ୍ୟ ଓଡିଆ, ଗଂଗାଧର ମେହେରଙ୍କୁ ବିଶ୍ୱସାହିତ୍ୟରେ ପରିଚିତ କରାଇବାକୁ ସକ୍ଷମ ହୋଇପାରିଲେ ନାହିଁ; କେବଳ ଯାହା ପାଠ୍ୟପୁସ୍ତକରେ କି ମହାବିଦ୍ୟାଳୟରେ ତାଙ୍କ ନାମ ଯୋଡାଗଲା ।



ପରାଧୀନ ଭାରତବର୍ଷରେ ବ୍ରିଟିଶ୍ ସାମ୍ରାଜ୍ୟବାଦୀଙ୍କ ଭୟଙ୍କର ରାଜୁତିର ଦମନଲୀଳାରେ କେବଳ ସାଧାରଣଲୋକେ ନୁହଁନ୍ତି, ସାମନ୍ତବାଦୀ ରାଜା ଜମିଦାରମାନେ ସୁଦ୍ଧା ତ୍ରାହି ତ୍ରାହି ଡାକୁଥିଲେ–ଠିକ୍ ସେତିକିବେଳେ ଯୋଗଜନ୍ମା ଗଂଗାଧର ଭୂମିଷ୍ଠ ହେଲେ । ଏଇ ଓଡିଶାର ଜନଗଣ ଯୁଗଯୁଗ ଧରି କେତେ ଯେ ଗୋଲାମୀ ଖଟିଛନ୍ତି, ତାର କଳନା ନାହିଁ । ସମସ୍ତପ୍ରକାର ଦୁଃଖ, ଯାତନା, ଅପମାନ, ଶୋଷଣ, କଷଣ, ଅତ୍ୟାଚାର ଭିତରେ ଗଂଗାଧର ମେହେର ଜୀବନର ଅପୂର୍ବ ଅର୍ଥ ସୃଷ୍ଟି କରିବା ଆଶ୍ଚର୍ଯ୍ୟଜନକ ମନେହୁଏ । ତାଙ୍କର ଜୀବନକ୍ଷେତ୍ର, ସାହିତ୍ୟକ୍ଷେତ୍ର, ଧର୍ମକ୍ଷେତ୍ର, ଯୁଦ୍ଧକ୍ଷେତ୍ର ସବୁ ଏକାକାର ହୋଇଯାଇଛି । ସେ ସୃଷ୍ଟି କରିଛନ୍ତି ଅପୂର୍ବ ଛନ୍ଦରେ, ଅମୃତମୟ କରି ଦେଇଛନ୍ତି ଭାରତୀୟ ଭାଷାସାହିତ୍ୟକୁ ।

ସ୍ୱଭାବକବିଙ୍କର ଘରଦ୍ୱାର, ଜମିବାଡି, ଧନସମ୍ପତି, ପିଲାଛୁଆ, ଭାଇଭଉଣୀ, ବାପମା, ସାଙ୍ଗସାଥୀ, ଶିକ୍ଷାଦୀକ୍ଷା, ଆଚାରବ୍ୟବହାର, ପାପପୁଣ୍ୟ, ଦୁଃଖସୁଖ, ଭଲମନ୍ଦ ସଂପର୍କରେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇଛି । କବିଙ୍କ କାବ୍ୟକବିତାକୁ ନେଇ ଅନେକ ତର୍ଜମା ହୋଇଛି । ମୁଁ କେବଳ ସେଇ ତର୍ଜମାର ବାହାରେ କିଛି ତର୍ଜମା ନିର୍ଦ୍ଦେଶ କରୁଛି ମାତ୍ର ।

ତୁଳସୀ ଦୁଇପତ୍ରରୁ ବାସିଲାଭଳି ବାଲ୍ୟକାଳ, ଯୌବନକାଳରୁ ଶେଷକାଳ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତ, ଦିନ, ମାସ, ବର୍ଷକୁ ନିବିଷ୍ଟଭାବେ ନିରୀକ୍ଷଣ କରି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ସୂର୍ଯ୍ୟଚନ୍ଦ୍ର, ଦିନରାତି, ଅନ୍ଧାର-ଆଲୁଅ, ଧାନକ୍ଷେତ୍ର, ଶସ୍ୟଶ୍ୟାମଳା ଫଳପୁଷ୍ପକ୍ଷେତ୍ର, ମହାନଦୀର ନୀଳଜଳରାଶିଠାରୁ ଆରମ୍ଭ କରି ମଣିଷ ଜୀବନର ସକଳ ଭଲମନ୍ଦ ଗୁଣରୁ ଅମୃତ ଆହାର କରି ସ୍ୱ-ଭାବରେ କବିକଣ୍ଠରୁ କବିଙ୍କ କଲମମୂନରୁ ଝରିଯାଇଛି କେବଳ ମହାନଦୀ ନୁହେଁ, ଗଙ୍ଗା, ଗୋଦାବରୀ ସମେତ କାହିଁ କେତେ ପବିତ୍ର ନଦୀ । ଧନ୍ୟ, ଧନ୍ୟ ହେ ଆମେ ଓଡିଶାବାସୀ–ଗଂଗାଧର ମେହେର ଓଡିଶା ମାଟିରେ ଜନ୍ମ ନେଇଥିବା ଯୋଗୁ ।

ଅନ୍ୟଅର୍ଥରେ କହିବାକୁ ଗଲେ କବି ଥିଲେ ସ୍ୱାଭିମାନୀ । ସ୍ୱାଭିମାନ ତାଙ୍କ ପ୍ରତି ରକ୍ତକଣାରେ ଭରପୂର ଥିଲା । ଶାଳୀନତା ତାଙ୍କର ଶ୍ରେଷ୍ଠଗୁଣ । ସ୍ୱାଭିମାନ ଓ ଶାଳୀନତାର ସମ୍ମିଶ୍ରଣରେ କବିଙ୍କ ପ୍ରତିଭା ହିଁ ଅନ୍ଧକାରର ବକ୍ଷବିଦାରି ନୂତନ ସକାଳ, ସୂର୍ଯ୍ୟୋଦୟର ସୁଡଙ୍ଗ ଆଡକୁ ମୁହାଁଇ ନେଇଛି । ତପସ୍ୱିନୀ କାବ୍ୟରେ କବିଙ୍କ ଅମୃତମୟ ନିର୍ମଳଧାରା ପ୍ରତ୍ୟେକ ଶବ୍ଦରେ ବ୍ରହ୍ମଜ୍ଞାନ, ସ୍ୱର୍ଗସୁଖକୁ ମର୍ତ୍ତ୍ୟରେ ଆଣି ବିତରଣ କରିବା ଖୁବ୍ କ୍ୱଚିତ୍ ଭାରତୀୟ କବିଙ୍କ ପାଖରେ ମିଳେ ।

ଜଣେ ଅମୀନ, ମୋହରିର ଯେ ମହାମହା କବିଙ୍କ ଗହଳରେ ସ୍ଥାନ ପାଇବେ, ଚିନ୍ତା କଲାବେଳକୁ ଆଜି ବି ଆମକୁ ଆଶ୍ଚର୍ଯ୍ୟ ଲାଗେ । କବିସମ୍ରାଟ ଉପେନ୍ଦ୍ର ଭଂଜ, କବିସୂର୍ଯ୍ୟ ବଳଦେବ ରଥ, କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ, ଭକ୍ତକବି ମଧୁସୂଦନ ରାଓ, ପଲ୍ଲୀକବି ନନ୍ଦକିଶୋର ବଳ ପ୍ରମୁଖଙ୍କ ମଧ୍ୟରେ ସ୍ୱଭାବକବି ଗଂଗାଧର ମେହେର ଆଜି ପ୍ରାତଃସ୍ମରଣୀୟ । କବିଙ୍କର ମଧ୍ୟ ମହାକବି କାଳିଦାସ, ବିଶ୍ୱକବି ରବୀନ୍ଦ୍ରନାଥଙ୍କ କାବ୍ୟକବିତା ଅତ୍ୟନ୍ତ ପ୍ରିୟ ଥିଲା ।

କବିଙ୍କ ଭାବ, ଭାଷା, ଛନ୍ଦ, ଶବ୍ଦ ଗୁନ୍ଥନର ଲାଳିତ୍ୟକୁ ହୃଦୟଙ୍ଗମ କରି ଅନେକ ପଣ୍ଡିତ, ଶିକ୍ଷାବିତ୍ ଇଂରାଜି, ହିନ୍ଦୀ, ସଂସ୍କୃତରେ ଅନୁବାଦ କରିଛନ୍ତି– ହେଲେ ତାହା ବ୍ୟାପକଭାବେ ପ୍ରଚାର ପ୍ରସାର ଲାଭ କରିପାରିନି । ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ମହାକବି କାଳିଦାସଙ୍କ 'ରଘୁବଂଶ' ଭଳି ସ୍ୱଭାବକବି ଗଂଗାଧରଙ୍କ 'ତପସ୍ୱିନୀ' କାବ୍ୟର ବର୍ଣ୍ଣନା ଅତି ଚମତ୍କାର । ଏହି କାବ୍ୟ ଭିତରକୁ ଯିଏ ପଶିଯାଇଛି– ସେ ପରମତୃପ୍ତି ପାଇଛି ।

ଗଂଗାଧରଙ୍କ ଜୀବନଦର୍ଶନ, ଦାର୍ଶନିକ ଦୃଷ୍ଟିଭଂଗୀ, କାଳଜୟୀ ସାହିତ୍ୟକୃତିକୁ ଯଥାଯଥ ଭାବେ ବିଶ୍ୱସମ୍ମୁଖରେ ପରିବେଷଣ କରିବା ଏକ ମହାନ କାର୍ଯ୍ୟ । ଏଥିପାଇଁ ମହାନଆତ୍ମା, ମହାଜ୍ଞାନୀ, ମହତବ୍ୟକ୍ତି, ମାନବବାଦୀ ମହାମନୀଷୀମାନେ ମନଧ୍ୟାନ ଦେଲେ ଗଂଗାଧର ମେହେର କେବଳ ଓଡିଶାର ସ୍ୱଭାବକବି ଭାବେ ପରିଚିତ ହେବେନି ସାରାବିଶ୍ୱରେ ମହାନ ପ୍ରେରଣାର ଉତ୍ସ ହୋଇ ପାରିବେ–ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ହେ ଦରଦୀ କବି, ହେ ଭବିଷ୍ୟଦ୍ରଷ୍ଟା ଗଂଗାଧର, ତୁମେ କହିଯାଇଛ–

*"ମାତୃଭୂମି ମାତୃଭାଷାର ମମତା*
*ଯା ହୃଦେ ଜନମି ନାହିଁ*
*ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା*
*ଅଜ୍ଞାନ ରହିବେ କାହିଁ ?"*

ପୁଣି କେବଳ ଓଡିଶା ନୁହେଁ, ସମଗ୍ର ବିଶ୍ୱକୁ ହୁସିଆର କରିଦେଲ–

*"ଉଚ୍ଚ ହେବା ପାଇଁ କର ଯେବେ ଆଶା*
*ଉଚ୍ଚ କର ଆଗେ ନିଜ ମାତୃଭାଷା ।"*

ଆଜି କିନ୍ତୁ ଆମର ନେତା ଓ ବକ୍ତାଙ୍କ ପିଲାମାନେ ଓଡିଆଭାଷାକୁ ଶୁଦ୍ଧ ଭାବରେ କହିପାରୁନାହାଁନ୍ତି । ଖାଲି ଇଂରାଜୀ ଚୋବାଉଛନ୍ତି– ତାହା କାଲ ଆଗରେ ଘଂଟ ବାଡେଇବା ସଦୃଶ । ଆମେ ନିଜକୁ କେତେ ନୀଚ କରିଦେଲେଣି ।

ହେ ସ୍ୱଭାବକବି ଗଂଗାଧର ମେହେର, ଓଡିଆ ଜାତିର ଗର୍ବ ଗୌରବ, ଭାରତୀୟ ଭାଷାସାହିତ୍ୟର ଅନ୍ୟତମ ଅଗ୍ରଦୂତ ହେ ସୂକ୍ଷ୍ମଦର୍ଶୀ, ଏ ଅଧମ ଓଡିଆମାନଙ୍କୁ କ୍ଷମାଦିଅ । ଆମେ ତୁମକୁ ବିଶ୍ୱଦରବାରରେ ପହଂଚାଇପାରିନୁ ଏପର୍ଯ୍ୟନ୍ତ । ଜୟନ୍ତୀରେ ତୁମ ଫଟୋରେ ଫୁଲମାଳ ଦେଇ ମାଇକ୍ରୋଫୋନ୍‌ରେ କଣ୍ଠ ଫଟାଇ ଆମେ ଭୀଷଣ ଭାଷଣ ଦେଇପାରୁ, ହେଲେ ପରେ ପରେ ଆମେ ଭୁଲିଯାଉ ଆମ ପିତାମହ ଭାରତଗୌରବଙ୍କୁ । ଆଜି ସମୟ ଆସିଛି – ଏଇ ଭାରତବିଖ୍ୟାତ କବିଙ୍କୁ ସମଗ୍ର ବିଶ୍ୱମାନସରେ ଉଜ୍ଜ୍ୱଳ ତାରକାରୂପେ ସ୍ଥାନିତ କରିବା– ଏଥିରେ ଓଡିଆଜାତିର, ଓଡିଆଭାଷାର, ଭାରତୀୟ କାବ୍ୟକବିତାର ଚିହ୍ନ ଯୁଗଯୁଗ ଧରି ରହିଥିବ–ଏହାହିଁ ହେବ ସ୍ୱଭାବକବି ଗଂଗାଧର ମେହେରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି !

*–ଯାଜପୁର ରୋଡ, ଯାଜପୁର*
*ମୋ: ୯୮୬୧୦୩୪୧୬୩*

# ଦୁଷ୍ଟାମୀ



ରଜନୀବାବୁ ସକାଳୁ ସକାଳୁ ନିତ୍ୟକର୍ମ ସାରି ଗ୍ୟାରେଜ୍‌ରୁ ଗାଡ଼ି କାଢ଼ି ବାହାରିଗଲେ ଏୟାରପୋର୍ଟ ଅଭିମୁଖେ । ତାଙ୍କର ଏକମାତ୍ର ପୁତ୍ର ବଣ୍ଟି ଓ ବୋହୂ ରିମା ଆମେରିକାରୁ ଆଜି ଆସି ଓଡ଼ିଶାରେ ପହଞ୍ଚିବେ । ବାହାଘରର ଷୋଳ ମଙ୍ଗଳା ପରେ ପରେ ସେମାନେ ଦୁହେଁ ଆମେରିକା ଚାଲି ଯାଇଥିଲେ । ଦୁହେଁ ସେଠାରେ ଏକ ବଡ଼ କମ୍ପାନୀରେ କାମ କରନ୍ତି । ଏବେ ପ୍ରାୟ ଦେଢ଼ ବର୍ଷ ପରେ ଘରକୁ ଆସୁଛନ୍ତି ।

ଆତ୍ମୀୟସ୍ୱଜନ ଓ ବନ୍ଧୁ ଯଦି ପାଖରେ ନଥିବେ, ବିରାଟ ରାଜପ୍ରାସାଦ ମଧ୍ୟ ଶ୍ମଶାନ ଭଳି ମନେହେବ । ତେଣୁ ପୁଅ ଓ ବୋହୂ ଆସୁଥିବାରୁ ମା ଅନୀତାଙ୍କ ଗୋଡ଼ ଆଉ ତଳେ ଲାଗୁନି । ପାଞ୍ଚ/ସାତ ଦିନ ହେଲାଣି, ସେ ତାଙ୍କ ପୁଅକୁ ଯାହା ଯାହା ଭଲ ଲାଗେ ସେଇ ସବୁ ଦ୍ରବ୍ୟଗୁଡ଼ିକ ଯୋଗାଡ଼ିବା ପାଇଁ ରଜନୀବାବୁଙ୍କୁ ବସାଇଉଠାଇ ଦେଉନାହାନ୍ତି । ସକାଳ ଜଳଖିଆରେ ପୁଅ ପାଇଁ ନଡ଼ିଆ ପୂର ଦିଆ ଏଣ୍ଡୁରୀ ପିଠା ସାଙ୍ଗକୁ ସବୁ ପରିବା ପଡ଼ି ଗୋଟେ ଖାଣ୍ଟି ଓଡ଼ିଆ 'ଡାଲ୍‌ମା' କରିବାକୁ ପ୍ରସ୍ତୁତ ହୋଇସାରିଲେଣି ସିଏ ଗଲା ରାତିରୁ । ବାକି ଦ୍ୱିପହର ଭୋଜନରେ ପୁଅ ପାଇଁ ମାଛ ମାର୍କେଟ୍‌ରୁ ଖୋଜା ହୋଇ ଆସିଛି ପୋହଳା ମାଛ ଆଉ ଛୋଟ ଚିଙ୍ଗୁଡ଼ି । ପୋହଳା ମାଛକୁ ଝୋଳ କରିବେ ଏବଂ ପୋଇ, କଖାରୁ, ଆଳୁ, ବାଇଗଣ ସହ ଚିଙ୍ଗୁଡ଼ି ମାଛର ଘାଣ୍ଟିଆ ହେବ । ଏହା ତାଙ୍କ ପୁଅକୁ ବହୁତ ଭଲଲାଗେ । ଏହା ବ୍ୟତୀତ ପାଣିକଖାରୁ ବଡ଼ି ପ୍ରସ୍ତୁତ ହୋଇ ରହିଛି ମାସକ ଆଗରୁ । କଖାରୁ ଶାଗ ଖୋଜା ହୋଇ ଆସିଛି । କାରଣ ବଡ଼ିଫୁଲା ଆଉ କଖାରୁ ଶାଗ ପୁଅର ଭାରି ପ୍ରିୟ ଅଟେ । ମା' ମନ ତ, ଯେତେ କଲେବି, ଯୋଗାଡ଼ ସରେନି । ଆହୁରି କିଛି କରି ରଖିବାକୁ ମନ ବଳାଏ ସିନା, ମା'ର ପ୍ରସ୍ତୁତି କେବେ ସରି ନଥାଏ । ବାସ୍ତବିକ୍, ଜଣେ ମାଆର ନିଜ ସନ୍ତାନ ପ୍ରତି ଥିବା ସ୍ନେହ ସହିତ ପୃଥିବୀର ଅନ୍ୟ କୌଣସି ବସ୍ତୁ ତୁଳନୀୟ ନୁହେଁ ।

ସେପଟେ ରଜନୀବାବୁ କେତେବେଳୁ ଏୟାରପୋର୍ଟରେ ପହଞ୍ଚି ଏପାଖ ସେପାଖ ଦୃଷ୍ଟି ପହଁରାଇ ଆଣୁଛନ୍ତି । ହେଲେ କାହିଁ ବଣ୍ଟିତ କେଉଁଠି ହେଲେ ଦେଖାଯାଉନାହିଁ । ସେ କ'ଣ ଆସିବା ପ୍ରୋଗ୍ରାମ ବଦଳାଇଦେଲା । ପୁଣି ଭାବୁଚନ୍ତି, ପ୍ଲେନ୍ କଣ ଆଉ ବିଳମ୍ବ ଅଛି କି ? ଏହିପରି ନାନା ପ୍ରଶ୍ନବାଚୀରେ ମୁଣ୍ଡଟା ଭାରାକ୍ରାନ୍ତ ହେଉଥିଲା ବେଳକୁ ବେଳ ତାଙ୍କର । ହଠାତ୍ ତାଙ୍କ ଫୋନ୍‌ଟି ବାଜି ଉଠିଲା । ପକେଟ୍‌ରୁ ଫୋନ୍ କାଢ଼ି କାନରେ ଦେଲେ । ହଁ ବଣ୍ଟିର ହିଁ ଫୋନ୍, ସେପାଖରୁ ବଣ୍ଟି କହୁଥିଲା, "ବାବା, ଆମେ ଆଜି ଏୟାରପୋର୍ଟରୁ ସିଧା ସିଧା କଟକ ଚାଲିଆସିଲୁ ରିମା ଘରକୁ । ରିମାର ମା' ବାରମ୍ବାର ଫୋନ୍ କଲାରୁ ରିମା ବାଧ୍ୟକଲା ମୋତେ ସେଠିକୁ ଆଗ ଯିବାପାଇଁ । କାଲି ସକାଳୁ ସକାଳୁ ଆମେ ଦୁହେଁ ତୁମ ପାଖକୁ ଚାଲି ଆସିବୁ ।"

ରଜନୀବାବୁଙ୍କ ମୁଣ୍ଡଟା ଜୋର୍‌ରେ ଘୂରେଇଦେଲା ଯେପରି । ସାରା ପୃଥିବୀଟା ତାଙ୍କୁ ତାଙ୍କ ଚାରିପାଖେ ଘୂରିଲା ପରି ଲାଗିଲା । ହଠାତ୍ ଗାଡ଼ିରେ ଭରାଦେଇ ଠିଆ ହୋଇପଡ଼ିଲେ, ନଚେତ୍ ପଡ଼ିଯାଇଥା'ନ୍ତେ । କିଛି ସମୟ ପରେ ଘରେ ପହଞ୍ଚିଲେ ରଜନୀବାବୁ । ଅନୀତା ଦେବୀ କିଛି ପଚାରିବା ପୂର୍ବରୁ ଜୋର୍‌ରେ ଚିତ୍କାର କରି କହିଲେ, "ଗୁଣମନ୍ତ ପୁଅ ତୁମର, ବୋହୂ କଥାରେ ପଡ଼ି ଆଗ ଶ୍ୱଶୁରଘରକୁ ଚାଲିଗଲେ, କାଲି ସକାଳେ ଏଠିକୁ ଆସିବେ ।" ଘୃଣାରେ ଓ ବିରକ୍ତିରେ ମୁହଁ ଛିଞ୍ଚାଡ଼ି ଏତକ କହି ଆର୍ମଚେୟାରରେ ବସିପଡ଼ିଲେ ପେପର ପଢ଼ିବା ପାଇଁ । ସବୁଥିରେ ସନ୍ତୁଷ୍ଟ ରହୁଥିବା ବ୍ୟକ୍ତି ହିଁ ସୁଖୀ ଜୀବନ ବିତାଇପାରେ । ତେଣୁ ସଦା ହସହସ ସଦା ଶାନ୍ତ ଅନୀତା ଦେବୀ ଚଟାପଟ୍ ଚା' କପ୍‌ଟି ଧରି ଟି'ପୟେ ଉପରେ ରଖୁ ରଖୁ ନମ୍ର ତଥା ଉଦାର ଭାବରେ କହୁଥିଲେ, "ହଁ ମ ଆମେ ଯେମିତି 'ବଣ୍ଟି'କୁ ଦେଖିବାକୁ ବ୍ୟଗ୍ର, 'ରିମା'ର ବାପାମାଆ ସେପରି 'ରିମା'କୁ ଦେଖିବାକୁ ବ୍ୟଗ୍ର ହେବା ସ୍ୱାଭାବିକ । ବଣ୍ଟି ଆମର ଖୁବ୍ ଜାଣିବାର, ବୁଝିବାର ପିଲା । ସେ ନିଜେ ଅନୁଭବ କରିଛି ବାପା ମାଆଙ୍କ ମନର ଭାବକୁ । ସେଥିପାଇଁ ନିଜ ବ୍ୟଗ୍ରତାକୁ ଚାପିରଖି ଆଗ ରିମା ମନକୁ ଖୁସି ଦେବାପାଇଁ ସେଠିକୁ ଚାଲିଗଲା । କଣ ବା ଭୁଲ ହେଇଗଲା ଯେ...ରାତି ପାହିଲେ କାଲି ଆସି ଦୁହେଁ ପହଞ୍ଚିଯିବେନି । ତୁମେ ଚା ପିଅ ଆଉ ମନକୁ ହାଲ୍‌କା କରିନିଅ ।" ପ୍ରକୃତରେ କ୍ରୋଧକୁ ନିଶ୍ଚିହ୍ନ କରିଦେବାର ସବୁଠୁ ସରଳ ଓ ଶ୍ରେଷ୍ଠ ଉପାୟ ହେଲା, ଏହାର କାରଣକୁ ବିନଷ୍ଟ କରିଦେବା ।

ସନ୍ଦିଗ୍ଧ ଦୃଷ୍ଟିରେ ଅନେଇ ରହିଥିଲେ ରଜନୀବାବୁ, ପତ୍ନୀ ଅନୀତାଙ୍କ ମୁହଁକୁ । ମନେମନେ ତାରିଫ କରି କହୁଥିଲେ ଯେପରି, "ଅନୀତା, ଶତ ଧନ୍ୟବାଦ, ତୁମର ମାତୃହୃଦୟକୁ ।"

ଠିକ୍ ଏଇ ସମୟରେ କବାଟ କଣରେ ଲୁଚି ରହିଥିବା ପୁଅ ବଣ୍ଟି ଓ ବୋହୂ ରିମା ବାହାରି ଆସି ରଜନୀବାବୁଙ୍କ ପାଦ ଛୁଇଁ ଜୁହାର ହେଲାବେଳେ ବଣ୍ଟି ବଡ଼ପାଟିରେ କହୁଥିଲା, "ବାବା, ଆମ ସରପ୍ରାଇଜ୍‌ଟା କେମିତି ଲାଗିଲା ।" ଅନୀତାଙ୍କ ସହ ପିଲାଦୁହିଁଙ୍କ ହସରେ ଘର ସତେକି ଫାଟି ପଡୁଥିଲା । ରଜନୀବାବୁ ଡିମାଡିମା ଆଖିରେ ସେମାନଙ୍କୁ ଚାହିଁ ରହି କହୁଥିଲେ, "ହଇରେ, ପିଲାଦିନ ଦୁଷ୍ଟାମୀ ଏଯାଏଁ ଛାଡ଼ିନୁ ? ?"

**ଡ. ପ୍ରତିଭା ମହାରଥୀ**
ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର,
ମୋ-୯୪୩୭୦୩୬୮୦୯

# ଗଣମାଧ୍ୟମ ଓ ଆଜିର ଦୁନିଆ

ଆଜିର ଦୁନିଆରେ ଗଣମାଧ୍ୟମ ବା ପ୍ରେସ ମେଡିଆ ଏକ ଶକ୍ତିଶାଳୀ ଶକ୍ତିରେ ପରିଣତ ହୋଇ ଏକପ୍ରକାର ସାମାଜିକ ବିପ୍ଳବ ଆଣିବାରେ ସଫଳ ହୋଇଛି । "Even the worst dictator will think twice before taking a step because he is in the rader screen of Press." ସାରା ଦୁନିଆର ଯେକୌଣସି କଣରେ ଘଟିଥିବା ଘଟଣା ଦୁର୍ଘଟଣାକୁ ମାତ୍ର କେତେ ମିନିଟ ମଧ୍ୟରେ ସାରା ବିଶ୍ୱରେ ପ୍ରସାରିତ କରି ଏହା ଖାଲି ଲୋକଙ୍କୁ ଜଣାଉନାହାନ୍ତି, ସେ ଘଟଣାର ମାନସ ମନ୍ଥନ କରାଇ ଲୋକମତ ସୃଷ୍ଟି କରି ନିରାକରଣ, ପ୍ରତିଷେଧ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଏଭଳି ଚାପ ସୃଷ୍ଟି କରୁଛନ୍ତି, ତାକୁ ପ୍ରତିହତ କରିବା କୌଣସି ଶକ୍ତି ବା ସରକାର ପକ୍ଷରେ ସମ୍ଭବ ହେଉନାହିଁ । ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ । "Eternal Vigilant is the price of Democracy. Power corrupt Absolute power corrupt absolutely." କ୍ଷମତାର ସେହି ସ୍ୱେଚ୍ଛାଚାରୀ ଦାନବମାନଙ୍କୁ କେବଳ ଗଣମାଧ୍ୟମ ହିଁ ଲଗାମ ଦେଇପାରିବ । ପବିତ୍ର ଗଣତନ୍ତ୍ରକୁ ରକ୍ଷାକରିବା ପାଇଁ ଗଣମାଧ୍ୟମ ଖାଲି ସ୍ୱର ଉଠାଏନି , ଅନେକ ସାହସୀ ସାମ୍ବାଦିକ ମଧ୍ୟ ନିଜର ଜୀବନ ବଳି ଦେଇଛନ୍ତି । ଅତି ପ୍ରାଚୀନ କାଳରୁ ସମ୍ବାଦ ପରିବହନ ପାଇଁ ବାଦ୍ୟ ବଜାଇ, ନିଆଁ ଜାଳି, ତୋପ ଫୁଟାଇ ଲୋକମାନଙ୍କୁ ଅବଗତ କରାଯାଉଥିଲା । ୟୁରୋପରେ ନବଜାଗରଣ ଆନ୍ଦୋଳନ ବେଳେ ଛାପା କଳର ଉଦ୍‌ଭାବନ ଯୋଗୁ ଏହାର ବ୍ୟବହାର ବୃଦ୍ଧି ପାଇଲା । ଇଂଲଣ୍ଡର ଡେଲି ଟେଲିଗ୍ରାଫ ପୃଥିବୀର ପ୍ରଥମ ସମ୍ବାଦପତ୍ର ଥିଲା । ଫ୍ରାନସ ବିପ୍ଳବ, ଆମେରିକାର ସ୍ୱାଧିନତା ସଂଗ୍ରାମ ସମୟରେ ସମ୍ବାଦପତ୍ରର ଭୂମିକା ବେଶ ବଡ ଥିଲା । ଭାରତରେ ବେଙ୍ଗଲ ଗେଜେଟ ପ୍ରଥମ ସମ୍ବାଦପତ୍ର କଲିକତାରୁ ୧୭୮୪ ମସିହାରେ ବାହାରିଥିଲା । ଅମୃତବଜାର ପତ୍ରିକା, ଷ୍ଟେଟସମ୍ୟାନ, ହିନ୍ଦୁ, ବମ୍ବେ ହେରାଲଡ ଆଦି ଇଂରେଜି ସମ୍ବାଦପତ୍ର ମାନ ବିଦେଶୀ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲେ (ବେନେଟ କୋଲମାନ) । ସମ୍ବାଦପତ୍ର ସ୍ୱାଧିତତା ଆନ୍ଦୋଳନ ବେଳେ ଯଥେଷ୍ଟ ସହାୟକ ଭୂମିକା ନେଇଥିଲେ । ମହାତ୍ମା ଗାନ୍ଧି କଂଗ୍ରେସର ବାର୍ତ୍ତା ଲୋକଙ୍କ ନିକଟରେ ପହ-ଇବା ପାଇଁ ହରିଜନ ଓ ୟଙ୍ଗ ଇଣ୍ଡିଆ ନାମରେ ଦୁଇଟି ସମ୍ବାଦପତ୍ର ବାହାର କରିଥିଲେ । ଏହି ପତ୍ରିକାରେ ସରକାରୀ ବିରୋଧୀ ଲେଖାପାଇଁ ସରକାର ଗାନ୍ଧିଙ୍କୁ ଗିରଫ କରି ଜେଲକୁ ପଠାଇଥିଲେ । ଲୋକମାନ୍ୟ ତିଳକ କେଶରୀ ନାମକ ପତ୍ରିକାରେ ଲେଖିଥିଲେ, "ସ୍ୱାଧିନତା ମୋର ଜନ୍ମଗତ ଅଧିକାର ସେଥିରୁ କେହି ମୋତେ ବଂଚିତ କରିପାରିବେନାହିଁ ।' ଏଥିପାଇଁ ତାଙ୍କୁ ଛଅ ବର୍ଷ ପାଇଁ ନିର୍ବାସନ ଦଣ୍ଡ ଦିଆହୋଇଥିଲା । ପଣ୍ଡିତ ଜବହାରଲାଲ ନେହରୁ ତାଙ୍କର ସମାଜବାଦୀ ଚିନ୍ତାଧାରା ପ୍ରଚାର ପାଇଁ ନେସନାଲ ହେରାଲଡ ପତ୍ରିକା ବାହାର କରିଥିଲେ । ନିଜ ହିନ୍ଦୁତା ଚିନ୍ତାଧାରାର ପ୍ରଚାର ପାଇଁ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ରାଷ୍ଟ୍ରଦିପ ଓ ପ୍-ଜନ୍ୟ ନାମକ ଦୁଇଟି ପତ୍ରିକା ପ୍ରକାଶ କରୁଛି । ଆମ ଓଡିଶାରେ ୧୮୬୧ ମସିହାରେ ଉତ୍କଳ ଦିପିକା ନାମକ ପ୍ରଥମ ସମ୍ବାଦପତ୍ର ଗୌରୀଶଙ୍କର ରାୟଙ୍କ ଦ୍ୱାରା ବାହାରିଥିଲା । ନଅଙ୍କ ଦୁର୍ଭିକ୍ଷ, ସ୍ୱତନ୍ତ୍ର ଉତ୍କଳ ଗଠନରେ ଏହି ପତ୍ରିକା ଅସାମାନ୍ୟ ଭୂମିକା ନେଇଥିଲା । ସ୍ୱାଧିନତା ଆନ୍ଦୋଳନ ବେଳେ ଉତ୍କଳମଣି ଗୋପବନ୍ଧୁ ଦାସ ସମାଜ ସମ୍ବାଦପତ୍ର ସ୍ଥାପନ କରିଥିଲେ । ଏବେବି ଓଡିଆ ଖବରକାଗଜକୁ ଲୋକମାନେ ସମାଜ ପେପର ବୋଲି କହୁଛନ୍ତି । ରେଡିଓ ଏକ ନୂତନ ଗଣମାଧ୍ୟମ ରୂପେ ଆବିର୍ଭାବ ହୋଇ ବେଶ ଲୋକପ୍ରିୟ ହୋଇଥିଲା (୧୯୩୦ ମସିହା) । ୧୯୩୫ ମସିହାରେ ଏହା ଅଲ ଇଣ୍ଡିଆ ରେଡିଓ ବୋଲି ନାମିତ ହେଲା । ୧୯୩୭ ମସିହାରେ ଏହାକୁ ଆକାଶବାଣୀ କୁହାଗଲା । ୧୯୫୯ ମସିହାରେ ଦେଶରେ ଟେଲିଭିଜନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ୨୦୦୬ ମସିହାରେ ରେଡିଓ ସହ ଟିଭି ଶିଳ୍ପକୁ ମିଶାଇ ପ୍ରସାରଭାରତି ବୋଲି କରାଗଲା । ବିଶେଷତଃ ଚୀନ-ଭାରତ ଯୁଦ୍ଧ ବେଳେ ସାରା ଦେଶର କୋଟି କୋଟି ଲୋକ ଗାଁ ଦାଣ୍ଡରେ ଏକତ୍ର ହୋଇ ରେଡିଓରୁ ଖବର ଶୁଣୁଥିଲେ । ପରେ ଗଣମାଧ୍ୟମ ସଂପ୍ରସାରିତ ହେଲା । ଟେଲିଭିଜନର ପ୍ରଚଳନ ପରେ ଲୋକମାନେ ଏହାପ୍ରତି ଆକୃଷ୍ଟ ହେଲେ । ଲୋକପ୍ରିୟ ସେରିଏଲ ରାମାୟଣ ଓ ମହାଭାରତ ପ୍ରସାର ବେଳେ ଲୋକମାନେ ଆଗ୍ରହରେ ଏହାକୁ ଦେଖିଥିଲେ । ବର୍ତ୍ତମାନ ଏହା ଏକ ନିଶାରେ ପରିଣତ ହେଲାଣି । ଟିଭି ମାଧ୍ୟମରେ ଖବର, ଚଳଚ୍ଚିତ୍ର, ଖେଳ, ଗୀତ, ଗେମ ସବୁ ଉପଲବ୍ଧି ହେବାରୁ ଅନେକ ଚାନେଲ କାର୍ଯ୍ୟ କରୁଛନ୍ତି । ଏହାକୁ ଇଲେକ୍ଟ୍ରୋନିକ ମେଡିଆ କୁହାଯାଉଛି । ଏହା ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ ହୋଇଛି । ଶାସନର ଅନେକ ଅନ୍ୟାୟ ଦୁର୍ବଳତା ଲୋକମାନଙ୍କ ନଜରକୁ ଆଣି ଏହା ଏକ ପ୍ରବଳ ଜନମତ ସୃଷ୍ଟି କରୁଛି । ଦିଲ୍ଲୀର ତନ୍ଦୁର ଚୁଲ୍ଲାରେ ହତ୍ୟା ଘଟଣା, ନିର୍ଭୟା ହତ୍ୟା ଓ ଧର୍ଷଣ ଘଟଣାରେ ଦୋଷୀକୁ ଦଣ୍ଡ ପାଇବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡିଶାରେ ଅଂଜନା ମିଶ୍ର ଧର୍ଷଣ ଘଟଣାରେ ଗଣମାଧ୍ୟମର ଚାପ ଏପରି ପଡିଲା ଯେ ସରକାର ମଧ୍ୟ ଭାଙ୍ଗିଗଲା । ବର୍ତ୍ତମାନ ଇଂଟରନେଟର ପ୍ରସାର ଫଳରେ ସୋସିଆଲ ମେଡିଆର ବ୍ୟାପକ ପ୍ରସାର ହୋଇଛି । ଘରେ ବସି ଫେସ ବୁକ, ହ୍ୱାଟସ ଅପ, ଟ୍ୱିଟର ମାଧ୍ୟମରେ ବ୍ୟକ୍ତି ନିଜର ମତ ନିଜର ଅଭିଜ୍ଞତା ସାରା ଦୁନିଆକୁ ଜଣାଇ ଅନ୍ୟ ସହ ଯୋଡି ହୋଇ ପାରୁଛି । ଏହିସବୁ ଗଣମାଧ୍ୟମର ବୃଦ୍ଧି ସଙ୍ଗେ ସଙ୍ଗେ ଅନେକ ଅନିଷ୍ଟକର ପାର୍ଶ୍ୱପ୍ରତିକ୍ରିୟା ବାହାରିଲାଣି । ଗଣମାଧ୍ୟମଗୁଡିକ ପୁଂଜିପତିମାନଙ୍କ ଦ୍ୱାରା ପରିଚାଳିତ । ସେମାନେ ନିଜର ସ୍ୱାର୍ଥ ପାଇଁ ଏହାକୁ ବ୍ୟବହାର କରନ୍ତି । ଆମର ଗଣମାଧ୍ୟମ ବାମପନ୍ଥୀଙ୍କ ସମର୍ଥକ ବୋଲି ବିଶ୍ୱାସ କରାଯାଏ । ସେମାନେ ଅନେକ ସମୟରେ ବାମପନ୍ଥୀ ଆତଙ୍କବାଦୀଙ୍କୁ ସମର୍ଥନ କରୁଛନ୍ତି ବୋଲି ଅଭିଯୋଗ ଉଠୁଛି । ସେଥିପାଇଁ କେନ୍ଦ୍ରର ଦକ୍ଷିଣପନ୍ଥୀ ବିଜେପି ସରକାର ସହ ମତପାର୍ଥକ୍ୟ ଲାଗିରହିଛି । ଅନେକ ମିଥ୍ୟା ଖବର, ଅତିରିକ୍ତ ଖବରମାନ ପ୍ରଚାରିତ ହେଉଛି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ କେଜିରୱାଲ ଗଣମାଧ୍ୟମର ସାମାଜିକ ବିଚାର ଦାବି କରିଥିଲେ । ଅରୁଣ ଜେଟଲି ମଧ୍ୟ କଟାକ୍ଷ କରି କହିଥିଲେ-There is flood of Chanells but dearth of facts. ଆମର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦିପକ ମିଶ୍ର ମଧ୍ୟ କହିଥିଲେ-"Journalist can not write any thing they imagined, thinking they are sitting upon a pulpit." କେତେକ ଗଣମାଧ୍ୟମରେ ମିଥ୍ୟା ଖବର ବିଜ୍ଞାପନ ଦେଇ ନିରିହ ଲୋକଙ୍କୁ ବୋକା ବନାଇଦିଆଯାଇଛି । ନିଜର ଗଣମାଧମ କ୍ଷମତା ବ୍ୟବହାର କରି ଲୋକଙ୍କଠାରୁ ଅର୍ଥ ଆଦାୟ କରିବା ଭଳି ଘଟଣା, ଫେସ ବୁକର ବନ୍ଧୁଙ୍କୁ ବିଶ୍ୱାସକରି ଅନେକ ଯୁବତୀ ଅଧା ନଈରେ ପଡି ଭାସୁଛନ୍ତି । ଶହଶହ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଶକ୍ତିରେ ନିଶାଶକ୍ତ ହୋଇ ଡରାଇ ଅର୍ଥ ଆଦାୟର ଏକ ମାଧ୍ୟମରୂପେ ଏହାକୁ ବ୍ୟବହାର କରିବାର ନଜିର ମଧ୍ୟ ଦେଖିବାକୁ ମିଳୁଛି । ପ୍ରେସ ନାଁ ଗାଡିରେ ଲେଖି ନିଶା ଜିନିଷ ପରିବହନ କରିବା ମଧ୍ୟ ହେଉଛି । ଗଣମାଧମକୁ ନିୟନ୍ତ୍ରଣ କରିବା ପାଇଁ ପ୍ରେସ କାଉନସିଲ ଅଫ ଇଣ୍ଡିଆ ଗଠିତ ହୋଇଛି । ସରକାର ମଧ୍ୟ ସେନସର ବୋର୍ଡ ଦ୍ୱାରା ଏହାଉପରେ ସତର୍କ ଦୃଷ୍ଟି ରଖିଥାଆନ୍ତି । ପ୍ରେସ ସ୍ୱାଧିନତା ବା ଅବାଧ ଗଣମାଧ୍ୟମ ମୁକ୍ତ ଗଣତନ୍ତ୍ରର ଏକ ଅଙ୍ଗ ଧରାଯାଏ । ୧୮୦ଟି ଦେଶରୁ ଭାରତର ସ୍ଥାନ ୧୪୪ ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ । ଜଗତିକରଣ ଫଳରେ ବିଦେଶୀ ମେଡିଆ BBC, CNN, CNB ଦେଶରେ ପାଦ ଥାପିଛନ୍ତି । ସରକାର ପେଷାଦାର ସାମ୍ବାଦିକଙ୍କ ପାଇଁ ସର୍ବନିମ୍ନ ପାରିତୋଷିକ ଆଦେଶ ଦେଇଛନ୍ତି (ବଛାୱତ କମିଶନ) । ସେମାନଙ୍କ ପାଇଁ ବୀମା ବ୍ୟବସ୍ଥା ସହ କୋଭିଡ ଯୋଦ୍ଧାର ମାନ୍ୟତା ଦେଇଛନ୍ତି । ଗଣ ମାଧ୍ୟମ ସମାଜ ଓ ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭର ମାନ୍ୟତା ପାଇଛି ଓ ଶୋଷଣ, ଦୁର୍ନୀତି, ଅନ୍ୟାୟ ବିରୁଦ୍ଧରେ ଲଢିବାର ଶ୍ରେଷ୍ଠ ଅସ୍ତ୍ରରେ ପରିଣତ ହୋଇଛି,ଏଥିରେ ଦ୍ୱିମତ ନାହିଁ ।



**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଉମରକୋଟ, ମୋ: ୯୪୩୭୨୩୫୩୮୬*




# ବିଜେପିର ପଂଚାୟତ ନିର୍ବାଚନ ପ୍ରସ୍ତୁତି



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କବାଟବନ୍ଧ ମଣ୍ଡଳ ଅନ୍ତର୍ଗତ ମଧୁସୂଦନପୁର ପଂଚାୟତ ବଳଭଦ୍ରପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଧର୍ମଶାଳା ବିଜେପି କାର୍ଯ୍ୟକର୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସଭାପତି ଗଣେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ଯୋଗଦେଇ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସଂପର୍କରେ ଆଲୋଚନା କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ବନମାଳି ରାଉତ, ବିଷ୍ଣୁ ଚରଣ ସାହୁ, ହିମାଂଶୁ ମହାପାତ୍ର, ଶୁଭ୍ରଜିତ ନାୟକ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବନ ବିଭାଗର ଚଢା, ଶାଳ କାଠ ଓ ଲଗ ଜବତ , ମାମଲା ରୁଜୁ



ଖଣ୍ଡପଡା,(ପି.ଏନ): କୌଣସି ବିସେଷ ସୁତ୍ରରୁ ଖବର ପାଇ ଖଣ୍ଡପଡା ବନ ବିଭାଗ କର୍ମଚାରୀମାନେ ଖଣ୍ଡପଡା ସହରର ୮ନଂ ୱାର୍ଡ ଅଧିନ କୁମ୍ଭାରସାହିର ବିରଂଚି ନାରାୟଣ ମିଶ୍ର ଓରଫ ବାଇକୁନୁଙ୍କ ଘରବାରି ପଛ ପାଖରେ ଅଚାନକ ଚଢାଉ କରି ୨୦ଟି ଶାଳ ସାଇଜ କାଠ ଓ ୨ଟି ଶାଳ ଲଗ ଜବତ କରିଥିବା ଜଣାଯାଇଛି । ଖଣ୍ଡପଡା ବନାଚଂଳ ଅଧିକାରୀ ଶରତ ଚନ୍ଦ୍ର ତପଥୀ, ବନପାଳ ଶ୍ରୀନିବାସ ଦାଶ ଓ କର୍ମଚାରୀମାନେ ଚଢା କରି ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

# ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାଙ୍କୁ ଗୋକର୍ଣ୍ଣିକା ପକ୍ଷରୁ ଶୁଭେଚ୍ଛା

ଧର୍ମଶାଳା, (ପିଏନ୍): କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଘୋଷିତ ତଥା ଓଡିଶା ସାହିତ୍ୟ ଏକାଡେମୀ ସଭାପତି କବି ଡ. ହୃଷିକେଶ ମଲିକ (କବିତା ପାଇଁ) ଓ ଶିଶୁ ସାହିତ୍ୟ ସ୍ରଷ୍ଟା ଦିଗରାଜ ବ୍ରହ୍ମା (ବାଲ ସାହିତ୍ୟ ପାଇଁ) ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଖବର ଜଣାପଡିବା ପରେ ଧର୍ମଶାଳାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଉଭୟ ସାହିତ୍ୟିକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସାହିତ୍ୟ ସମାଜର ଉପଦେଷ୍ଟା ବଟକୃଷ୍ଣ ଓଝା, ସଭାପତି ରାମାକନ୍ତ ଜେନା, ସଂପାଦକ ହୃଷିକେଶ ସାମଲ, ଉପସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ଜେନା, ସହସଂପାଦକ ନାରାୟଣ ନନ୍ଦ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ଅଫୁଟା ବାଣ ବିସ୍ଫୋରଣରେ ୪ ନା ବାଳକ ଗୁରୁତର

ଖୋର୍ଦ୍ଧା, (ପିଏନ): ବାହାଘର,ବ୍ରତଘର ହେଉ ଅବା ଯେ କୌଣସି ମେଳା,ମହୋତ୍ସବ କାର୍ଯ୍ୟ ହେଉ ସରକାର ବାଣଫୁଟାକୁ ନେଇ ନିଷିଦ୍ଧ ଘୋଷଣା କରିଥିବା ବେଳେ ଆଜି ଅଫୁଟା ବାଣଫୁଟି ବେଗୁନିଆ ବ୍ଲକ ବାଘମାରୀ ଥାନା ଅ'ର୍ଗତ ଗଁପୁର ଗ୍ରାମର ୪ ଜଣ ନା ବାଳକ ଗୁରୁତର ଆହତ ହୋଇ ଭୁବନେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଥିବାର ସୂଚନା ମିଳିଛି । ସୂଚନାରୁ ପ୍ରକାଶ ଯେ ସିମୋର ପଂଚାୟତର ଗତ ୨୬ ତାରିଖ ଦିନ ଗଁପୁର ଗ୍ରାମର ଗାନ୍ଧୀ ପାର୍କର ଉନ୍ମୋଚନ ଅବସରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ସ୍ୱାଗତ କରିବା ପାଇଁ ବାଣ ଫୁଟାଯାଇଥିଲା । ସେଥି ମଧ୍ୟରୁ କିଛି ବାଣ ନଫୁଟି ଅକ୍ଷତ ଅବସ୍ଥାରେ ଏଣେତେଣେ ପଡି ରହିଥିଲା ।ଗ୍ରାମର ୪ ଜଣ ନା ବାଳକ ଦୀନବନ୍ଧୁ ସାହୁଙ୍କ ପୁତ୍ର ସୌମ୍ୟ ରଞ୍ଜନ (୧୩),ବିରଂଚି ସାହୁଙ୍କ ପୁଅ ବିଭୁତି(୯),ଚନ୍ଦ୍ରଶେଖର ବାରିକଙ୍କ ଦୁଇ ପୁଅ ତ୍ରିଲୋଚନ(୧୨) ଓ ସିପୁ (୭) ଆଜି ସକାଳେ ଅଫୁଟା ବାଣର ବାରୁଦ ଗୁଡିକୁ ଏକତ୍ରିତ କରି ଏକ କାଚ ବୋତଲରେ ଭର୍ତି କରି ନିଆଁ ସଂଯୋଗ କରିଥିଲେ ।

# ବେକରେ ଗାମୁଛା ଲଗାଇ ବ୍ୟକ୍ତିଙ୍କ ଆତ୍ମହତ୍ୟା

ଧର୍ମଶାଳା,(ପିଏନ୍):ଜେନାପୁର ଥାନା ଅନ୍ତର୍ଗତ ଅିରା ଗ୍ରାମର ଜଣେ ବ୍ୟକ୍ତି ଆଜି ଭୋର ସମୟରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ସ୍ୱର୍ଗତ ଗୋଲକ ମଳିକଙ୍କ ପୁଅ ବାଙ୍କା ମଳିକ (୪୫) ରାତିରେ ପରିବାର ଲୋକଙ୍କ ସହିତ ଖାଇପିଇ ଘରେ ଶୋଇଥିଲେ । ହେଲେ ଗତକାଲି ଭୋର ସମୟରେ ଘର ନିକଟରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କ ବେକରୁ ଗାମୁଛା କାଟି ତାଙ୍କୁ ତଳକୁ ଓହ୍ଲାଇଥିଲେ । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜେନାପୁର ପୁଲିସ ୧୭/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ଲାଗି ଦାନଗଦି ମେଡିକାଲକୁ ପଠାଇଛି ।

# ଖୋଲିନି ଧାନମଣ୍ଡି, ଶାଗମାଛ ଦରରେ ଦଲାଲଙ୍କୁ ଧାନ ବିକୁଛନ୍ତି ଚାଷୀ



ଖଣ୍ଡପଡା,(ପି.ଏନ): ଚଳିତ ବର୍ଷ ଧାନକ୍ରୟ ନିମନ୍ତେ ସେବା ସମବାୟ ସମିତି ଗୁଡିକରେ ଧାନମଣ୍ଡି ଗୁଡିକରେ ଧାନମଣ୍ଡି ଖୋଲିନାହିଁ । ପ୍ରଶାସନ ନିଷ୍କ୍ରିୟତାର ସୁଯୋଗ ନେଇ ଏବେ ଗାଁ ଗଣ୍ଡାରେ ଦଲାଲମାନେ ଚାଷୀଙ୍କ ଠାରୁ ଶାଗମାଛ ଦରରେ ଧାନ କ୍ରୟ କରିବା ନିମନ୍ତେ ସକ୍ରୀୟ ହୋଇ ଉଠିଥିବା ଜଣାଯାଇଛି । ଦଲାଲମାନେ ଚାଷୀଙ୍କ ନିକଟରେ ପହଁଚି ଟ୍ରକ ଓ ଟ୍ରାକ୍ଟର ଲଗାଇ ଶହଶହ କ୍ୱିଟାଂଲ ଧାନ କିଣୁଥିବା ନଜରକୁ ଆସୁଛି । ଖଣ୍ଡପଡା ବ୍ଲକ ଅଧିନ ରାଣୀପଡା ଗ୍ରାମର ଚାଷୀମାନଙ୍କ ଠାରୁ ଗୁରୁବାର ଜଣେ ଦଲାଲ କ୍ୱିଟାଂଲ ପିଛା ୮୦୦ରୁ ୧୦୦୦ ଟଙ୍କା ଦରରେ ଧାନକ୍ରୟ କରୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଘଟଣା ସ୍ଥଳରେ ପହଁଚି ପାଟିତୁଣ୍ଡ କରିବା ସହ ଦଲାଲଙ୍କ ଦ୍ୱାରା ଧାନ ବୋଝେଇ ହୋଇଥିବା ଟ୍ରକକୁ ଅଟକ ରଖି ପ୍ରଶାସନକୁ ଖବର ଦେଇଥିଲେ । ମାତ୍ର ଦିର୍ଘ ୨ଘଂଟା ପରେ ବି ବ୍ଲକ ଯୋଗାଣ ନୀରିକ୍ଷକ କିବା ତହସିଲ ପ୍ରଶାନର କୌଣସି ଅଧିକାରୀ ଘଟଣା ସ୍ଥଳରେ ନପହଂଚିବାରୁ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦଲାଲ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅସାଧୁ ମେଂଟ ଯୋଗୁଁ ରାଣୀପଡା ସମେତ ଆଖପାଖ ଅଂଚଳର ଚାଷୀମାନେ ଅଭାବୀ ଧାନବିକ୍ରୀର ଶିକାର ହେବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ ଜିଲ୍ଲା ପ୍ରଶାନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଭିନ୍ନ ସ୍ଥାନରେ ଧାନମଣ୍ଡି ଖୋଲିବାକୁ ଖଣ୍ଡପଡା ଅଂଚଳର ଚାଷୀମାନେ ଦାବି କରିଛନ୍ତି । ସେହିପରି ଧାନକ୍ରୟ କରୁଥିବା ଦଲାଲଙ୍କ କାର୍ଯ୍ୟକଳାପ ପ୍ରତି ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲାପାଳ ଓ ପୋଲି ପ୍ରଶାନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି। ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁ ମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ। ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି। ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ। ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି। ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି। ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ। ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି। ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ। ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ। ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ। ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି। ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାର୍ମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି। ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି। ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତା ପାଇଁ ଖ୍ୟାତି ହାସଲ କରିପାରିଛି। ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ। ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ। ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି। ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ। ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ। ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ। ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ। କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ। ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ। ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ।

# ପାହାଲରେ ନୂତନ ଥାନା ଉଦଘାଟିତ




ଫୁଲନଖରା, (ପି.ଏନ): ଦୀର୍ଘ ୪୨ବର୍ଷ ପରେ ବହୁ ପ୍ରତୀକ୍ଷିତ ପାହାଲ ଫାଣ୍ଡି ଥାନାରେ ପରିବର୍ତ୍ତନ ହେବା ସହିତ ମଙ୍ଗଳବାର ସଂଧ୍ୟାରେ ଆନୁଷ୍ଠାନିକଭାବେ ଉଦଘାଟିତ ହୋଇଛି। କଟକ-ଭୁବନେଶ୍ୱର କମିଶନରେଟ ପୁଲିସ କମିଶନର ସୌମେନ୍ଦ୍ରକୁମାର ପ୍ରିୟଦର୍ଶୀ ଏହାକୁ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଥିଲେ। ଏହି ଅବସରରେ ସେଠାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତକୁମାର ରାଉତ, ବାଲିଅନ୍ତା ଆଇଆଇସି ଯୁବରାଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ଯୁଧିଷ୍ଠିର ପରିଜା, ଜଗନ୍ନାଥପୁର ଗ୍ରାମ ସଭାପତି ସନାତନ ପରିଜା, ଅରୁନ୍ଧତୀ ସାହୁ, ତପନ ସାସମଲ, ବ୍ରହ୍ମାନନ୍ଦ ସାହୁ, ଅକ୍ଷୟ ଲେଙ୍କା, ଦିଲୀପ ସାହୁ, କେଦାର ଜେନା, ମହେଶ୍ୱର ଦାସ, ସାମ୍ବାଦିକ ଲଳିତକୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଫୁଲନଖରା-ନିଆଳି ୬୦ନମ୍ବର ରାଜ୍ୟ ରାଜପଥ ଅନନ୍ତପୁରଠାରେ ୧୯୮୧ମସିହାରେ ଫାଣ୍ଡି ପ୍ରଥମେ କାର୍ଯ୍ୟାରମ୍ଭ କରିଥିଲା। ସେଠାରେ ୧୫ବର୍ଷ ରହିବା ପରେ ପାହାଲକୁ ଫାଣ୍ଡି ସ୍ଥାନାନ୍ତର ହେଲା ଏବଂ ପରବର୍ତ୍ତୀ ସମୟରେ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ନୂତନ ଗୃହରେ କାର୍ଯ୍ୟାରମ୍ଭ କଲା। ତେବେ ଆଇନ ଶୃଙ୍ଖଳା ଏବଂ ଭୌଗୋଳିକ ପରିସୀମା ଦୃଷ୍ଟିରୁ ଏହାକୁ ଥାନାରେ ପରିଣତ କରିବା ନେଇ ସ୍ଥାନୀୟ ଲୋକେ ଦୀର୍ଘ ଦିନ ହେଲା ଦାବି କରିଆସୁଥିଲେ। ପୂର୍ବରୁ ବାଲିଅନ୍ତା ଥାନା ଅଧିନରେ ପରିଚାଳନିତ ହେଉଥିବା ଏହି ନୂତନ ଥାନା ଆଜି କାର୍ଯ୍ୟକ୍ଷମ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ନୂତନ ଥାନାଧିକାରୀ ଯୋଗଦେବା ପର୍ଯ୍ୟନ୍ତ ବର୍ତ୍ତମାନର ଫାଣ୍ଡି ଅଧିକାରୀ ଷ୍ଟାଲିନକୁମାର ବିଶ୍ୱାଳ ଆଇଆଇସିଭାବେ କାର୍ଯ୍ୟ ତୁଲାଇବେବୋଲି ଜଣାଯାଇଛି।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ। ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ। ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ। ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ। ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪ଓ୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ। ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ। ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ତବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ। ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ। ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ। ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ। ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି। ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ। ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ। ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା। ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା। ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି। ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ। କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ। ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ। ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍'।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି।




# ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର (ପିଏନ୍): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସମୀକ୍ଷା ବୈଠକ ଭୁବନେଶ୍ୱର ପଟିଆସ୍ଥିତ ଓ-ହବ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ ଜେନା ଯୋଗଦାନ କରି ରାଜ୍ୟର ଶିକ୍ଷା ବିକାଶ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ କହିଲେ ଯେ, ଶିକ୍ଷାକ୍ଷେତ୍ରରେ ଆମର ମାନବିକ ସ୍ୱଭାବକୁ ଜାଗ୍ରତ କରିବାକୁ ପଡ଼ିବ । ଶିକ୍ଷା ଅଧିକାରୀମାନେ ସ୍କୁଲ ପରିଦର୍ଶନ କରିବା, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସହିତ ଆଲୋଚନା କରିବା ଏବଂ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହ କ୍ରିୟାଶୀଳ ପ୍ରଦର୍ଶନ, ନିୟମିତତା ଓ ଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ବୈଠକରେ ବିଭାଗ ତରଫରୁ ଗୁଣାତ୍ମକ ଶିକ୍ଷା ନିମନ୍ତେ ନିଆଯାଉଥିବା ସମସ୍ତ ଅଭିନବ ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରି ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆସନ୍ତା ୩ ତାରିଖରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟ ଖୋଲୁଥିବାରୁ ବିଦ୍ୟାଳୟର ସଫେଇ ଓ ବିଶୋଧନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ । ମାତ୍ର କୌଣସି ପରିସ୍ଥିତିରେ ପିଲାମାନଙ୍କୁ ସ୍କୁଲ ଆସିବାକୁ ବାଧ କରାଯିବ ନାହିଁ । ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଶିକ୍ଷାଦାନ କରାଯିବ । ସରକାରଙ୍କ ମାର୍ଗଦର୍ଶିକାର ଉପଯୁକ୍ତ ଅନୁପାଳନ ସହ ପାଠପଢ଼ା, ବିଦ୍ୟାଳୟ ପରିସରର ସ୍ୱଚ୍ଛତା, ସାନିଟାଇଜେସନ୍, ମାସ୍କ ପରିଧାନ, ସାମାଜିକ ଦୂରତା ଆଦି ବଜାୟ ରଖି ପିଲାମାନଙ୍କୁ ପାଠପଢ଼ା ଅବ୍ୟାହତ ରଖିବା ଉପରେ ପ୍ରମୁଖ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ, ଛାତ୍ରଛାତ୍ରୀଙ୍କ ନିମନ୍ତେ ଛାତ୍ରାବାସ ଗୃହ ଏବଂ ଭିତ୍ତିଭୂମି ନିର୍ମାଣ ନିମନ୍ତେ ସରକାରଙ୍କ ଅର୍ଥର କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ବୋଲି ପ୍ରମୁଖ ସଚିବ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ୫-'ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ଆଗକୁ ନେବା ପାଇଁ ଡିଜିଟାଲ୍ ଲାଇବ୍ରେରୀ, କ୍ରୀଡ଼ା ଭିତ୍ତିଭୂମି, ବିଜ୍ଞାନାଗାର, ସ୍ୱଚ୍ଛ ପିଇବା ପାଣି, ଶୌଚାଳୟ, ସ୍ମାର୍ଟ କ୍ଲାସ୍‌ରୁମ୍, ଉତ୍ତମ ଶୈକ୍ଷିକ ପରିବେଶ, ବିଦ୍ୟୁତ ସୁବିଧା, ଆସବାବପତ୍ର, ବଗିଚା, ଅଗ୍ନିନିର୍ବାପକ ବ୍ୟବସ୍ଥା ଆଦି ସଂପର୍କରେ ପ୍ରମୁଖ ସଚିବ ଶ୍ରୀ ସାହୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ପ୍ରମୁଖ ସଚିବ ଶ୍ରୀ ସାହୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଆୟୋଜନ ଓ ସୁପରିଚାଳନା ନେଇ ମଧ ଆଲୋଚନା କରିଥିଲେ । ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ ଆଦର୍ଶ ବିଦ୍ୟାଳୟ ଲାଗି ଜିଲ୍ଲା ଶିକ୍ଷା ଅଧିକାରୀମାନେ ଗୁଣାତ୍ମକ ଆସବାବପତ୍ର କିଣିବେ । ଆବଶ୍ୟକ ସ୍ଥଳେ ଅଧିକ ଖର୍ଚ୍ଚ ବହନ କରାଯିବ । ଆସନ୍ତା ବର୍ଷ ୬୩ଟି ନୂଆ ଆଦର୍ଶ ବିଦ୍ୟାଳୟ ଖୋଲିବ । ଆଦର୍ଶ ବିଦ୍ୟାଳୟ ଲାଗି ପ୍ରବେଶିକା ପରୀକ୍ଷା ଆସନ୍ତା ତା. ୧୮/୦୨/୨୦୨୨ରେ କରାଯିବ । ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଆବଶ୍ୟକୀୟ ପ୍ରଚାରପ୍ରସାର କରିବେ । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକରେ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ବାକି ରହିଥିବା ବିନିଯୋଗପତ୍ରଗୁଡ଼ିକ ଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସ୍ଥିର କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଆଞ୍ଚଳିକ ନିର୍ଦ୍ଦେଶକମାନେ ଯୁକ୍ତ-୨ ଏବଂ ଯୁକ୍ତ-୩ର ପୃଥକୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବେ । ପଠାଣୀ ସାମନ୍ତ ଏବଂ ଜୁନିଅର ମେରିଟ୍ ସ୍କଲାରସିପ୍ ପାଇଁ କିପରି ଅଧିକ ଛାତ୍ରଛାତ୍ରୀ ଆବେଦନ କରିବେ ସେଥିନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ୨୦ଟି ଡିଜିଟାଲ୍ ଲାଇବ୍ରେରୀ ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିଦେର୍ଦ୍ଦଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ୍ ଡାକୁଆ, ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ଶ୍ରୀ ସନତ କୁମାର ମହାନ୍ତି, ମାଧମିକ ଶିକ୍ଷା ପରିଷଦର ସଭାପତି ଶ୍ରୀ ରାମାଶିଷ ହାଜ୍‌ରା, ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦର ନିର୍ଦ୍ଦେଶକ ଶ୍ରୀ ବିକାଶ ଚନ୍ଦ୍ର ମହାପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବୃନ୍ଦାବନ ଶତପଥୀ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀ ଅଲୋକ କୁମାର କରଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଥିଲେ ।

# କାଳିପ୍ରସାଦ ସ୍ମୃତିରେ ଅସହାୟ ଜରାଗ୍ରସ୍ତଙ୍କୁ କମ୍ବଳ ବଂଟନ



ଭୁବନେଶ୍ୱର(ପିଏନ୍): ବୌଦ୍ଧିକ ସମାବେଶ ଓଡିଶା ଓ ବିଜୁପଟ୍ଟନାୟକ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ ବମିଖାଲର ମିଳିତ ଆନୁକୂଲ୍ୟରେ ଡେରାଶ ନିକଟ, କଂଟାବାଡ ଗ୍ରାମରେ ମହାନ୍ ସମାଜସେବୀ ଶିକ୍ଷାବିତ୍ ସ୍ୱର୍ଗତ କାଳିପ୍ରସାଦ ସାମନ୍ତରାୟଙ୍କ ୫୯ତମ ଜୟନ୍ତୀ ଉପଲକ୍ଷେ ଅସହାୟ, ଜରାଗ୍ରସ୍ତ, ଦୁଃସ୍ଥ କରିବାର ବର୍ଗଙ୍କୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କମ୍ବଳ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଜୁପଟ୍ଟନାୟକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ସଭାପତି, ଭାଷାବିତ୍ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ଓ ସମସ୍ତେ ନିଜ ନିଜ ସ୍ତରରେ ସାମାଜିକ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ବୌଦ୍ଧିକ ସମାବେଶର ଉପସଭାପତି ତଥା ସାମ୍ବାଦିକ ସୌଭାଗ୍ୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସ୍ୱର୍ଗତ କାଳିପ୍ରସାଦ ଆଦର୍ଶରେ ଅନୁପ୍ରାଣୀତ ହେବାକୁ କହିଥିଲେ। ଗରିବ ଅସହାୟଙ୍କୁ କମ୍ପୁଟର ଶିକ୍ଷା, ନୈତିକ ଶିକ୍ଷା, ମାତୃଭାଷା ପାଇଁ କାର୍ଯ୍ୟ ଦରିଦ୍ର ନାରାୟଣ ସେବା ସ୍ୱାସ୍ଥ୍ୟ ସେବା ସାମ୍ବାଦିକତା ଶିକ୍ଷା ସହିତ ବୃକ୍ଷରୋପଣ ଓ ରକ୍ତଦାନର ମହାନ କାଣ୍ଡାରି ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନ ସଦସ୍ୟ ବିଜୟ ପରିଡା, ଅରବିନ୍ଦ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମକୁ ପରିଚାଳନା ଶିବ ପଟ୍ଟନାୟକ କରିଥିଲେ। ଏହି ବୌଦ୍ଧିକ କାର୍ଯ୍ୟକ୍ରମରେ କମଳଲୋଚନ ବିଶ୍ୱାଳ (ସଭାପତି), ସାମ୍ବାଦିକ ସୌଭାଗ୍ୟ ମହାନ୍ତି(ଉପସଭାପତି), ଲିଙ୍ଗରାଜ କାର୍ତା(ସାଧାରଣ ସମ୍ପାଦକ), ରାହୁଲ କୁମାର (ସମ୍ପାଦକ), ସାମ୍ବାଦିକ ବିମଳ କୁମାର ପ୍ରଧାନ( ମୁଖପାତ୍ର), ଶରତ କୁମାର ରାଉତ(କୋଷାଧକ୍ଷ), ସ୍ମାରକ ସାମନ୍ତରାୟ, ଜଗତବଲ୍ଲଭ ମହାରଥା, ପିୟୁଷ୍ଣୁ କୁମାର ସ୍ୱାଇଁ, ଋତୁରାଜ ପଟ୍ଟନାୟକ(ଆଇନଜୀବୀ), ସଂଜୀବ କୁମାର ପଣ୍ଡା, ପ୍ରଶାନ୍ତ କୁମାର ପରିଡା, ଜଗନ୍ନାଥ ବିଶ୍ୱାଳ, ମାନସ ଦାଶ, ସୁନୀଲ କୁମାର ନାୟକ, ସୁବ୍ରତ କୁମାର, ପ୍ରଦୀପ୍ତ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ପରିଡା, ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣନ୍ତିଆ ଓ ପଳସିଂହା ପଞ୍ଚାୟତର ଚାଷୀମାନେ ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଥିବାରୁ ତାହାର କ୍ଷତିପୁରଣ ତୁରନ୍ତ ଚାଷୀମାନଙ୍କୁ ପ୍ରଦାନ କରାଯିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଭାଗଚାଷୀମାନଙ୍କୁ ଚିହ୍ନଟ କରାଯାଇ କ୍ଷତିପୁରଣ ପ୍ରଦାନ କରାଯିବା, ଏକର ପିଛା ୨୦ହଜାର ଟଙ୍କା କ୍ଷତିପୁରଣ ପ୍ରଦାନ କରାଯିବା ପାଇଁ ଉଭୟ ପଞ୍ଚାୟତର ଚାଷୀମାନଙ୍କ ପକ୍ଷରୁ ନନ୍ଦକିଶୋର ମଲିକ, ଧରଣୀଧର ମଲିକ, ବିଦ୍ୟାଧର ମଲିକ, ଗୋବିନ୍ଦ ମଲିକ, ପହଲା ମଲିକ, କେଶବ ଚନ୍ଦ୍ର ମଲିକ, ମଙ୍ଗୁଳି ମଲିକ, ବାବାଜୀ ଚରଣ ମଲିକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ଇତିଶ୍ରୀ ସାହୁ ଜାତୀୟ ସାଇକେଲ ପ୍ରତିଯୋଗିତା ପାଇଁ ମନୋନୀତ



ଫୁଲନଖରା (ପିଏନ୍)-ପାହାଳ ଫାଣ୍ଡି ଅନ୍ତର୍ଗତ ଜୟରଶାସନ ଅଞ୍ଚଳର ଡାକ୍ତର ଭିକାରିଚରଣ ସାହୁଙ୍କ କନ୍ୟା ଇତିଶ୍ରୀ ସାହୁ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟତା ହାସଲ କରିଛଁ । ଏହି ଉପଲକ୍ଷେ ଓଡ଼ିଶା ଅଲମ୍ପିକ ସଂଘ ଓ ରାଜ୍ୟ ସାଇକେଲ ଚାଳନା ସଂଘ ପକ୍ଷରୁ କିଟ ଖେଳ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଇତିଶ୍ରୀଙ୍କୁ ମନୋନୀତ କରାଯାଇଛି । ଏହି ଅବସରରେ ସେଠାରେ ପ୍ରଶିକ୍ଷକ ନୃସିଂହଚରଣ ସାହୁ, କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ମୀନତୀ ମହାପାତ୍ର, ଅନିତା କୁମାରୀ, ଦିଲୀପ ନାଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ଅସଦାଚାରଣ କରି ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚାରଣ କରିଥିବା ଅଭିଯୋଗରେ ପୁଲିସ୍ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ସୁନ୍ଦୁରିଆ ପଞ୍ଚାୟତ ଷଣ୍ଢପୁର ଗ୍ରାମରେ ରହୁଥିବା ଶରତ ନାୟକକୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ପୀଡିତାଙ୍କ ଅଭିଯୋଗକ୍ରମେ ପୁଲିସ୍ ୬୦୧/୨୧ନମ୍ବରରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତକୁ ଥାନାକୁ ଉଠାଇ ଆଣିଥିଲା । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ପରେ ପୁଲିସ୍ ଶରତକୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି ।

# ଶ୍ରୀ ବିରଜା ସମିତିର କାର୍ଯ୍ୟକାରିଣୀ ବୈଠକ

ଯାଜପୁର (ପିଏନ୍): ମା'ବିରଜାଙ୍କର ସ୍ୱନକ୍ଷେତ୍ର ଉତ୍ସବ ଉପଲକ୍ଷେ ଶ୍ରୀ ବିରଜା ସେବାସମିତିର କାର୍ଯ୍ୟକାରିଣୀ ସଭ୍ୟମାନଙ୍କର ଏକ ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ହେତୁ ଦୀର୍ଘ ଦିନ ଧରି ସମସ୍ତ ବୈଠକ ବାତିଲ ହୋଇଥିଲା। ସଭା ଆରମ୍ଭରେ ସେବାସମିତିର ସଭ୍ୟ ୰ଶଚିଦାନନ୍ଦ କର, ୰ଗୋପାଳ ଚରଣ ଶତପଥୀ ଓ ୰ ପ୍ରଭାତ କୁମାର ରାଉତରାୟଙ୍କ ବିୟୋଗରେ ସେମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁଗ୍ମ ସଂପାଦକ ଅକ୍ଷୟ କୁମାର ବେହେରାଙ୍କ ଗାଡ଼ି ଦୁର୍ଘଟଣାରେ ଶୋଚନୀୟ ଅବସ୍ଥା ହୋଇଥିବାରୁ ତାଙ୍କର ଆଶୁ ଆରାଗ୍ୟ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏ ବର୍ଷ ମଧ ଯାଜପୁର ଜିଲ୍ଲାସ୍ତରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧରେ "ମା"ବିରଜାଙ୍କ ବାର୍ଷିକ ପର୍ବପର୍ବାଣି ବିଷୟ ଉପରେ ଏକ ରଚନା ପ୍ରତିଯୋଗିତା ହେବ ଓ ସେମାନଙ୍କୁ ସେହି ଜନ୍ମୋତ୍ସବରେ ପୁରସ୍କୃତ କରିବାକୁ ସ୍ଥିର କରାଗଲା। ପ୍ରତିମାସ ସେବାସମିତିର ମାସିକ ବୈଠକ ସମିତିର ପ୍ରତିଷ୍ଠା ଆରମ୍ଭରୁ ମନ୍ଦିରରେ ହୋଇ ଆସୁଥିବାରୁ ସମସ୍ତ କାଗଜପତ୍ର ରଖିବାକୁ ମନ୍ଦିର ପରିସରରେ ଏକ ପ୍ରକୋଷ୍ଠ ଯୋଗାଇ ଦେବାକୁ ବହୁଦିନରୁ ଦାବି କରାଯାଉଥିଲେ ମଧ ଏପର୍ଯ୍ୟନ୍ତ ଆମର ଆପତ୍ତି ଶୁଣାଯାଇ ନାହିଁ। ଆମେ ଯେଉଁ ମଣ୍ଡପରେ ବୈଠକ କରୁଥିଲୁ ତାହା ଭଙ୍ଗା ହୋଇଯାଇଥିବାରୁ କର୍ତ୍ତୃପକ୍ଷଙ୍କୁ ଅନୁରୋ:ଧ କରାଯାଉଛି କି ସେବା ସମିତି ପାଇଁ ଏକ ପ୍ରକୋଷ୍ଠ ଦିଆଯାଉ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ସଭା ପରିଚ୍ଛଳନା କରିବାରେ ସଭାପତିଙ୍କୁ ସାହାଯ୍ୟ କରିଥିଲେ। ଆଲୋଚନାରେ ସଭ୍ୟ ମଧୁସୂଦନ ମହାନ୍ତି, ହରିହର ବେହେରା, ରବିଶତପଥି, ନିର୍ମଳାବାଳା ମିଶ୍ର, ଶରତ ଚନ୍ଦ୍ର ମହାରଣା, କ୍ଷୀରୋଦ ଚନ୍ଦ୍ର ପାଠୀ, ବୃନ୍ଦାବାନ ମିଶ୍ର, ରମୋ ଚନ୍ଦ୍ର ରାଉତ, ବିରାଜ ପାଣି, ସୁବାଷ ପାଣି, ଦେବୀ ପ୍ରସାଦ ପାଣି, ସୁବାଶ ଚନ୍ଦ୍ର ମହାପାତ୍ର, ନବକିଶୋର ଦାସ, ଗଦାଧର ରାଉତ ପ୍ରମୁଖ ଅଶ ଗ୍ରହଣ କରିଥିଲେ। ସଂପାଦକ ପାଣ୍ଡବ ସାହୁ ବୈଠକର ଆଭିମୁଖ୍ୟ ସଂପର୍କରେ ଜଣାଇଥିଲେ। ମା'ବିରଜାଙ୍କର ସ୍ୱନକ୍ଷେତ୍ର ୨୦୨୨ ମହସିହା ଫେବୃୟାରୀ ୧ ତାରିଖ ଶନିବାର ପଡୁଥିବାରୁ ସେବାସମିତିର କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇ ସ୍ଥିର କରାଗଲା ଯେ ମାଆଙ୍କ ରୀତିନିତି ପାଇଁ ସମିତିର ସମସ୍ତ ଦେୟ ସଂପାଦକ ଶ୍ରୀ ସାହୁଙ୍କ ବୁଝିବେ ବୋଲି ସମିତି ଦାୟିତ୍ୱ ଦେଲେ। ମା'ବିରଜାଙ୍କର ଓ ବିରଜାକ୍ଷେତ୍ରର ପ୍ରଚ୍ଚର ପ୍ରସାର ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ଭୂପତି ଭୂଷଣ ମିଶ୍ରଙ୍କୁ ଶ୍ରୀ ବିରଜା ସେବାସମିତି ସମ୍ମାନ ସ୍ୱନକ୍ଷତ୍ର ଉତ୍ସବରେ ପ୍ରଦାନ କରିବା ପାଇଁ ସମିତି ସର୍ବସମ୍ମତି କ୍ରମେ ସ୍ଥିର କରାଗଲା। ସର୍ବଶେଷରେ ବରିଷ୍ଠ ସ୍ୟ ବସନ୍ତ କୁମର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଲୁଟେରା ଲୁଟି ନେଲେ ୧୨ ଲକ୍ଷ ୪୫ ହଜାର ଟଙ୍କା

ବାଲେଶ୍ୱର (ପିଏନ୍)- ଦିନକୁ ଦିନ ସାଇବର ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଏହିପରି ଏକ ଘଟଣା ଘଟିଛି ବାଲେଶ୍ୱର ଅଞ୍ଚଳରେ। ଜ୍ୟୋସ୍ନା ପାତ୍ର ନାମକ ଜଣେ ମହିଳାଙ୍କ ବ୍ୟାଙ୍କ ଏକାଉଣ୍ଟରୁ ୧୨ ଲକ୍ଷ ୪୫ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଯୋଗ୍ୟ ଯେ ନୀଳଗିରି ବାଲି ଗୋହିରୀ ଅଞ୍ଚଳର ଜ୍ୟୋସ୍ନା ପାତ୍ରଙ୍କ ନାମରେ ସହରର ଫକିର ମୋହନ ଗୋଲେଇ ନିକଟରେ ଥିବା ବ୍ୟାଙ୍କରେ ସେଭିଙ୍ଗସ ଏକାଉଣ୍ଟରେ ୨ ଲକ୍ଷ ୪୫ ହଜାର ଟଙ୍କା ଓ ୫ ଲକ୍ଷ ଟଙ୍କାର ୨ଟି ଫିକ୍ସ ଡ଼ିପୋଜିଟ ୧୦ ଲକ୍ଷ ଟଙ୍କା ଥିଲା। ଆଜି ସକାଳେ ଜ୍ୟୋସ୍ନା ଓ ତାଙ୍କ ସ୍ୱାମି ବ୍ୟାଙ୍କରେ ପହଞ୍ଚିବା ପରେ ବ୍ୟାଙ୍କ କର୍ମଚାରୀ ଫିକ୍ସ ଡ଼ିପୋଜିଟ ୧୦ ଲକ୍ଷ ଟଙ୍କା କେହି ଉଠେଇ ନେଇଯାଇଥିବା କହିଥିଲେ। ସେମାନେ ତାଙ୍କର ଟଙ୍କାଏ ପର୍ଯ୍ୟନ୍ତ ମେଞ୍ଚିରୁଟି ହେଇ ନାହିଁ ଏବଂ ତାଙ୍କ ପାଖରେ ସମସ୍ତ କାଗଜ ପତ୍ର ରହିଛି। ତେଣୁ ଟଙ୍କା ଉଠାଇଲା କିଏ ବୋଲି ପ୍ରଶ୍ନ କରିଥିଲେ। ବ୍ୟାଙ୍କ କର୍ମଚାରୀମାନେ ତାଙ୍କୁ ସାଇବର ଥାନାରେ ଅଭିଯୋଗ କରିବା ପାଇଁ କହିଥିଲେ। ଏବଂ ସେମାନେ ମଧ ସାଇବର ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ।। ସେଠାରୁ ଫେରି ବ୍ୟାଙ୍କକୁ ଆସିବା ପରେ ୨ ଲକ୍ଷ ୪୫ ହଜାର ଫିକ୍ସ ଡ଼ିପୋଜିଟ କରିବା ପାଇଁ ଚାହିଁଥିଲେ ମାତ୍ର ଦେଖିବା ବେଳକୁ ସେହି ଟଙ୍କା ମଧ ତାଙ୍କ ନାମରେ ଆଉ ନାହିଁ। ସେ ୨ ଜଣ ସାଇବର ଥାନାରୁ ବ୍ୟାଙ୍କ ଓ ବ୍ୟାଙ୍କରୁ ଥାନା ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଲେ। ତଥାପି କିଛି ଫଳ ମିଳିଲାନି ଶେଷରେ ସେମାନେ ଆସନ୍ତା କାଲି ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବେ ବୋଲି ପ୍ରାକାଶ କରିଛନ୍ତି।

# ଦରିଦ୍ର ନାରାୟଣଙ୍କ ସେବାରେ ଶ୍ରୀବଳଦେବଜୀଉ ସେବାଘର



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଧନୁ ସଙ୍କ୍ରାନ୍ତି, ଗୀତା ଜୟନ୍ତୀ ଓ ମାଣବଷା ଗୁରୁବାର ଓଷା ପାଳନ ଅବସରରେ ଶ୍ରୀବଳଦେବଜୀଉ ସେବାଘରର ପ୍ରଥମ ବୈଠକ ଇଚ୍ଛାପୁରସ୍ଥିତ ପାୟଲ ପ୍ୟାଲେସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡଃ. ବଳରାମ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ମେଜର ଭରତ ଚନ୍ଦ୍ର ଜେନା ଯୋଗଦେଇ ପିତାମାତା, ଗୁରୁଜନ ଓ ଅତିଥି ସେବା ଉପରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ସେବା କରିବାର ବିଭିନ୍ନ ଉଦାହରଣ ସହ ଉପଦେଶ ପ୍ରଦାନ କରିଥିଲେ। ପୃଥୀରାଜ ସ୍ୱାଇଁ ଯୋଗଦେଇ ଶିବଜ୍ଞାନରେ ଜୀବସେବା କରିବା ପାଇଁ ମତବ୍ୟକ୍ତ କରିଥିଲେ। ଆଶୁକବି ସିଦ୍ଧାର୍ଥ ଶଙ୍କର ରାୟ ସେବା ପାଇଁ ମନୋବୃତ୍ତିର ଆବଶ୍ୟକ ବୋଲି କହିବା ସହ ଅସହାୟ ଏବଂ ନିଃସହାୟ ଲୋକଙ୍କ ସେବା କରିବା ଏହି ଅନୁଷ୍ଠାନର ଉଦେଶ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ରବିରଞ୍ଜନ ରାଉତ, ଅମ୍ବରିଶ ପରିଡା, ପ୍ରତାପ ପରିଡା, ରତ୍ନାକର ସୁନ୍ଦରରାୟ, ମହେଶ୍ୱର ମହାପାତ୍ର, କାହ୍ନୁ ଚରଣ ଦାସ, ବାସୁଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡଃ. ବଳରାମ ଲେଙ୍କାଙ୍କୁ ସଭାପତି, ସମ୍ପାଦକ ଭାବେ ସିଦ୍ଧାର୍ଥ ଶଙ୍କର ରାୟ ଓ କୋଷାଧକ୍ଷ ଭାବେ ରବିରଞ୍ଜନ ରାଉତଙ୍କୁ ଚୟନ କରାଯାଇଥିଲା। ଶେଷରେ ଶ୍ରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଭାବକ ଓ ଶିକ୍ଷକ ବୈଠକ



ଫୁଲନଖରା (ପିଏନ୍)-କୁରାଙ୍ଗଶାସନସ୍ଥ ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡ଼େମୀରେ ଅଭିଭାବକ ଶିକ୍ଷକଙ୍କ ବୈଠକ ପ୍ରଧାନ ପଣ୍ଡିତ ଘନଶ୍ୟାମ ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଜୟ ପତି, ସଦାଶିବ ପାଳ, ହୃଦରନ ଦାଶ, ସୁଧାଂଶୁ ମହାଁ ପ୍ରମୁଖ ଶିକ୍ଷକଙ୍କ ସମେତ ଚମ୍ପାବତୀ ବେଉରା, ବନିତା ନାୟକ, ଲକ୍ଷ୍ମୀପ୍ରିୟା ଜେନା, ମୋନାଲିସା ପାତ୍ର ପ୍ରମୁଖ ଅଭିଭାବକମାନେ ଯୋଗଦେଇ ଶିକ୍ଷାଦାନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତି ମାସରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ଅଂଶଗ୍ରହଣକାରୀଙ୍କ ପାଇଁ କିଛି ପାରିଶ୍ରମିକ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଥିଲେ। ବନବିହାରୀ ପାତ୍ର ଓ ଧିରେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାତ୍ୟା କ୍ଷୟକ୍ଷତି ଆକଳନ ସମୟ ବୃଦ୍ଧି ପାଇଁ ଜିଲ୍ଲା ବିଜେପିର ଦାବି

କେନ୍ଦ୍ରାପଡ଼ା (ପିଏନ୍): ବାତ୍ୟା ଜୱାଦ ଜନିତ କ୍ଷୟକ୍ଷତିର ଆକଳନ ସମୟ ବୃଦ୍ଧି କରାଯିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏ ସମ୍ପର୍କିତ ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ ବାତ୍ୟା 'ଜୱାଦ' ଦ୍ୱାରା ସମଗ୍ର କେନ୍ଦ୍ରାପଡା ଜିଲ୍ଲାର ଅନେକ ସ୍ଥାନରେ କୃଷକ ମାନଙ୍କର ବହୁମାତ୍ରାରେ ଫସଲହାନୀ ହୋଇଛି। ଯାହାର ଆକଳନ ପାଇଁ କେନ୍ଦ୍ରୀୟ ଟିମ ଆସି ପରିଦର୍ଶନ କରି ଫେରିଯାଇଛନ୍ତି। ସେହି ଫସଲହାନୀର କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକମାନେ ଚାଷୀମାନଙ୍କୁ ବିନା ସୂଚନାରେ ଚାଷଜମିର ସରଜମିନ ତଦନ୍ତ କରିବା ସହ ଆବଶ୍ୟକୀୟ କାଗଜପତ୍ର ପାଇଁ ଦାବି କରୁଛନ୍ତି। ଫଳରେ ଅନେକ ଚାଷୀ ଏହି କାଗଜପତ୍ର ଯଥାସମୟରେ ଦେଇପାରୁନାହାନ୍ତି। ଯାହାଫଳରେ କ୍ଷତିଗ୍ରସ୍ତ ଚାଷୀମାନେ ସହାୟତାରୁ ବଞ୍ଚିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଏହାକୁ ଗୁରୁତ୍ୱ ପ୍ରଦାନ କରାଯାଇ ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି କ୍ଷୟକ୍ଷତି ଆକଳନର ଅବଧି ଆଉ ସାତଦିନ ବୃଦ୍ଧି କରିବା ପାଇଁ ଜିଲ୍ଲା ବିଜେପି ସଭାପତି ଶ୍ରୀ ପଣ୍ଡା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ତନାର ଗ୍ରାମ୍ୟରାସ୍ତା କାର୍ଯ୍ୟ ଉନ୍ନତମାନର କରାଯିବା ପାଇଁଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ କୋରୋ ପଞ୍ଚାୟତର ତନାର ଗ୍ରାମର ଏକ ନମ୍ବର ୱାର୍ଡ ଅନ୍ତର୍ଗତ ପାଳକଣା ଗ୍ରାମର ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଜଣାଇଛନ୍ତି ଯେ ତନାର ଆର.ଡି. ରାସ୍ତା ନିକଟରୁ ସରସ୍ୱତୀ ଛକ ପର୍ଯ୍ୟନ୍ତ ରାସ୍ତାର ଅଂଶ ଦୀର୍ଘଦିନ ହେବ ଗମନାଗମନ ପାଇଁ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡିଛି। ସେହି ରାସ୍ତା ନିର୍ମାଣ ପାଇଁ ଏକ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ସେହି ରାସ୍ତାର ନିର୍ମାଣ କାର୍ଯ୍ୟକୁ ନିର୍ବାହ କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ସୁଯୋଗ ପ୍ରଦାନ କରାଯିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ସେହି କାର୍ଯ୍ୟ ଅନ୍ୟ କୌଣସି ଠିକାଦାରଙ୍କ ଦ୍ୱାରା ନିର୍ବାହ କରାଗଲେ ତାହା ସଠିକ ଭାବରେ ଓ ଉନ୍ନତମାନର କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଗ୍ରାମବାସୀ ମାନଙ୍କ ପକ୍ଷରୁ ମଳୟ କୁମାର ସାହୁ, ଶରତ କୁମାର ସାମଲ, କରୁଣାକର ସାହୁ, ଜୟଶ୍ରୀ ମଲିକ, ନିରଞ୍ଜନ ମଲିକ, ସୁଶାନ୍ତ ବେହେରା, ସନ୍ତୋଷ ବେହେରା, ଭରତ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ବେହେରା, ସନାତନ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, (ପି.ଏନ): ଆସନ୍ତା ୩ ତାରିଖରୁ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟ ଖୋଲୁଥିବାରୁ ବିଦ୍ୟାଳୟର ସଫେଇ ଓ ବିଶୋଧନ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରାଯିବ । ମାତ୍ର କୌଣସି ପରିସ୍ଥିତିରେ ପିଲାମାନଙ୍କୁ ସ୍କୁଲ ଆସିବାକୁ ବାଧ କରାଯିବ ନାହିଁ । ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ରେ ଶିକ୍ଷାଦାନ କରାଯିବ । ସରକାରଙ୍କ ମାର୍ଗଦର୍ଶିକାର ଉପଯୁକ୍ତ ଅନୁପାଳନ ସହ ପାଠପଢ଼ା, ବିଦ୍ୟାଳୟ ପରିସରର ସ୍ୱଚ୍ଛତା, ସାନିଟାଇଜେସନ୍, ମାସ୍କ ପରିଧାନ, ସାମାଜିକ ଦୂରତା ଆଦି ବଜାୟ ରଖି ପିଲାମାନଙ୍କୁ ପାଠପଢ଼ା ଅବ୍ୟାହତ ରଖିବା ଉପରେ ଗୁରୁତ୍ୱ ଦିଆଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଭୁବନେଶ୍ୱର ପଟିଆସ୍ଥିତ ଓ-ହବ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି ।ବୈଠକର ସୂଚନା ଅନୁଯାୟୀ ଆଦର୍ଶ ବିଦ୍ୟାଳୟ ଲାଗି ଜିଲ୍ଲା ଶିକ୍ଷା ଅଧିକାରୀମାନେ ଗୁଣାତ୍ମକ ଆସବାବପତ୍ର କିଣିବେ । ଆବଶ୍ୟକ ସ୍ଥଳେ ଅଧିକ ଖର୍ଚ୍ଚ ବହନ କରାଯିବ । ଆସନ୍ତା ବର୍ଷ ୬୩ଟି ନୂଆ ଆଦର୍ଶ ବିଦ୍ୟାଳୟ ଖୋଲିବ । ଆଦର୍ଶ ବିଦ୍ୟାଳୟ ଲାଗି ପ୍ରବେଶିକା ପରୀକ୍ଷା ଆସନ୍ତା ତା. ୧୮/୦୨/୨୦୨୨ରେ କରାଯିବ । ଏଥି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଆବଶ୍ୟକୀୟ ପ୍ରଚାରପ୍ରସାର କରିବେ । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକରେ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ବାକି ରହିଥିବା ବିନିଯୋଗପତ୍ରଗୁଡ଼ିକ ଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସ୍ଥିର କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଆଂଚଳିକ ନିର୍ଦ୍ଦେଶକମାନେ ଯୁକ୍ତ-୨ ଏବଂ ଯୁକ୍ତ-୩ର ପୃଥକୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବେ । ପଠାଣୀ ସାମନ୍ତ ଏବଂ ଜୁନିଅର ମେରିଟ୍ ସ୍କଲାରସିପ୍ ପାଇଁ କିପରି ଅଧିକ ଛାତ୍ରଛାତ୍ରୀ ଆବେଦନ କରିବେ ସେଥି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ୨୦ଟି ଡିଜିଟାଲ୍ ଲାଇବ୍ରେରୀ ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଯୋଗଦାନ କରି ରାଜ୍ୟର ଶିକ୍ଷା ବିକାଶ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ କହିଲେ ଯେ, ଶିକ୍ଷାକ୍ଷେତ୍ରରେ ଆମର ମାନବିକ ସ୍ୱଭାବକୁ ଜାଗ୍ରତ କରିବାକୁ ପଡ଼ିବ । ଶିକ୍ଷା ଅଧିକାରୀମାନେ ସ୍କୁଲ ପରିଦର୍ଶନ କରିବା, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସହିତ ଆଲୋଚନା କରିବା ଏବଂ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହ କ୍ରିୟାଶୀଳ ପ୍ରଦର୍ଶନ, ନିୟମିତତା ଓ ଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ୫-'ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ଆଗକୁ ନେବା ପାଇଁ ଡିଜିଟାଲ୍ ଲାଇବ୍ରେରୀ, କ୍ରୀଡ଼ା ଭିତିଭୂମି, ବିଜ୍ଞାନାଗାର, ସ୍ୱଚ୍ଛ ପିଇବା ପାଣି, ଶୌଚାଳୟ, ସ୍ମାର୍ଟ କ୍ଲାସ୍ ରୁମ୍, ଉତମ ଶୈକ୍ଷିକ ପରିବେଶ, ବିଦ୍ୟୁତ ସୁବିଧା, ଆସବାବପତ୍ର, ବଗିଚା, ଅଗ୍ନିନିର୍ବାପକ ବ୍ୟବସ୍ଥା ଆଦି ସଂପର୍କରେ ପ୍ରମୁଖ ସଚିବ ଶ୍ରୀ ସାହୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ପ୍ରମୁଖ ସଚିବ ଶ୍ରୀ ସାହୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଆୟୋଜନ ଓ ସୁପରିଚାଳନା ନେଇ ମଧ ଆଲୋଚନା କରିଥିଲେ । ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ, ଏସ୍‌ସିଇଆରଟିର ନିର୍ଦ୍ଦେଶକ ସନତ କୁମାର ମହାନ୍ତି, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ରାମାଶିଷ ହାଜ୍‌ରା, ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦନ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଅଲୋକ କୁମାର କରଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଥିଲେ ।

## ଅଗମ୍ୟ ଆଦିବାସୀ ପଲ୍ଲୀରେ ବନବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ

ଭୁବନେଶ୍ୱର, (ପି.ଏନ): ସମ୍ପ୍ରତି ରାଜ୍ୟରେ ହାଡ଼ଭଙ୍ଗା ଜାଡ଼ ସାଙ୍ଗକୁ ଶୀତ ଲହରୀ ଜାରି ରହିଛି । ରାଜ୍ୟର ଉପକୂଳରୁ ଉପାନ୍ତ ଅଂଚଳ ମଧ୍ୟରେ ଏମିତି ଅନେକ ଅଗମ୍ୟ ଆଦିବାସୀ ଗାଆଁ ରହିଛି ଯେଉଁଠି ଅଭାବୀ ପରିବାର ହାଡ଼ଭଙ୍ଗା ଜାଡ଼ରୁ ମୁକୁଳିବା ପାଇଁ ଖଣ୍ଡିଏ ଚାଦର ଅଥବା ସୁଇଟର ଖଣ୍ଡିଏ କିଣିବା ବଡ଼ କଷ୍ଟ । ଏଭଳି ଅଗମ୍ୟ ଆଦିବାସୀ ପଲ୍ଲୀରେ ପହଂଚି ସହଯୋଗର ହାତ ବଢାଇଛି ସାମାଜିକ ଅନୁଷ୍ଠାନ ରେଡ୍ ସ୍ୱସ୍ତିକ୍ ସୋସାଇଟି ଓଡ଼ିଶା ଶାଖା । ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଛତାବର ଗ୍ରାମପଂଚାୟତ ଅଧିନସ୍ଥ ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ମୋଟ ୫୦ଟି ବନବାସୀ ପରିବାରକୁ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି । ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବଂଟନ କାର୍ଯ୍ୟକ୍ରମରେ ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ଶ୍ରୀପତି ଆଚାର୍ଯ୍ୟ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ବାଳକୃଷ୍ଣ ରାଉତ, ପ୍ରଦୀପ୍ତ ରଞ୍ଜନ ରାଉତ, ବାଲୁକାଶିଳ୍ପୀ ସୁବଳ ମହାରଣା, ମନୋଜ ପ୍ରଧାନ, ଅଙ୍କିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବନବାସୀଙ୍କୁ ଶୀତବସ୍ତ୍ର ବଂଟନ କରିଥିଲେ ।

# ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଚତୁର୍ଥ ଦିବସରେ ଅଭିନୟ ଓ ନୃତ୍ୟର ଚିତାକର୍ଷକ ପ୍ରଦର୍ଶନ

ଭୁବନେଶ୍ୱର, (ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ , ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଉତ୍କଳ ରଙ୍ଗମଂଚରେ ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଚତୁର୍ଥ ଦିବସରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସୁଧାଶ୍ରୀ ପ୍ରିୟଦର୍ଶନୀଙ୍କ ଏକକ ନୃତ୍ୟାଭିନୟ ଅଭିଶପ୍ତରୁ । ପରେ ଦେବୀ କୁମାର ପ୍ରଦାନଙ୍କ ଦ୍ୱାରା ଅଭିନୟ କିଏ ଲୋ ସଜନୀ କେଳି କଦମ୍ବ ମୂଳେ, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ କଲିକତାରୁ ଆସିଥିବା ଅସିତ୍ ବରଣ ବିଶ୍ୱାସ ଓ ମାନସି ଚକ୍ରବର୍ତିଙ୍କ ଦ୍ୱାରା ଅଭିନୟ ମହାଦେବ ଜୟ ମହେଶ ଜଟାଜୁଟ, ଏକକ ନୃତ୍ୟ ପର୍ଯ୍ୟାୟରେ ଶୁଭାଶିଷ ଆଚାର୍ଯ୍ୟଙ୍କ ଦ୍ୱାରା ଅଭିନୟ ଦୁର୍ଗାସ୍ତୁତି, ପିନାକୀନି ନାୟକଙ୍କ ଦ୍ୱାରା ଅଭିନୟ ନ ଯା ଯମୁନା ଲୋ ସହୀ, ଶୁଭ୍ରକାନ୍ତ ପ୍ରଧାନଙ୍କ ଦ୍ୱାରା ଅଭିନୟ ନବ ଦୁର୍ଗା- ଜୟ ଭଗବତୀ ଦେବୀ, ଅଦିତି ପ୍ରଧାନଙ୍କ ଦ୍ୱାରା ପଲ୍ଲବୀ, ଲୀଜାରାଣୀ ନାୟକଙ୍କ ଦ୍ୱାରା ଅଭିନୟ ଏକା ତୁ ନ ଯିବୁ ଯମୁନା, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଅନୁଷ୍କା ଦାସ ଓ ଅଲିସା ଧଳଙ୍କ ଦ୍ୱାରା ଅଭିନୟ କହ ଲୋ ଦୂତୀ, ଅମ୍ରିତ ଆନନ୍ଦ ଖଣ୍ଡୁଆଳ ଓ ଯାଗ୍ୟସେନୀ ସାହୁଙ୍କ ଦ୍ୱାରା ଏବଂ ଶେଷରେ ଓଁକାର କଳାଶ୍ରମର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଶୁଦ୍ଧ ନୃତ୍ୟ ବଟୁ ପରିବେସିତ ହୋଇଥିଲା । ଅପରାହ୍ନ ଅଧିବେଶନର ପ୍ରଥମ ପ୍ରସ୍ତୁତି ଥିଲା କଲିକତାରୁ ଆସିଥିବା ଓଡ଼ିଶୀ ଆଶ୍ରମର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଶିବସ୍ତୁତି ଓ ମାତଙ୍ଗି ଧ୍ୟାନ ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ଅର୍ଚ୍ଚନା ପାଠୀଙ୍କ ଦ୍ୱାରା ପଲ୍ଲବୀ, ସ୍ୱନ୍ଦିତା କୁମାରୀଙ୍କ ଦ୍ୱାରା ଅଭିନୟ ଅଷ୍ଟପଦୀ, ଦ୍ୱୈତ ନୃତ୍ୟରେ ଅଲିଭା ପୃଷ୍ଟି ଓ ଅର୍ଘ୍ୟରୂପା ରାଉତଙ୍କ ଦ୍ୱାରା ହଂସଧ୍ୱନୀ ପଲ୍ଲବୀ, ଚନ୍ଦ୍ରିମା ଦେଙ୍କ ଦ୍ୱାରା ଅଭିନୟ ଦୁର୍ଗାସ୍ତୁତି, ଆଦ୍ୟାଶା ମିଶ୍ରଙ୍କ ଦ୍ୱାରା ଅଭିନୟ ସଜନୀ ନଜାଣି ପୀରତି ଯାହା କଲି, ଦିପ୍ତିମୟୀ ଦାସ ଓ ଇନ୍ଦ୍ରାଣୀ ହାଲଦାରଙ୍କ ଦ୍ୱାରା ଅଭିନୟ ଜୟ ମହେଶ, ବିନାୟକ ସାମଲଙ୍କ ଦ୍ୱାରା ଅଭିନୟ ପଂଚଭୂତ, ବିପଂଚି ଦାସଙ୍କ ଦ୍ୱାରା ଅଭିନୟ କାଲି ଯାହା କଲେ ସଖି ନାଗର ରାଜ ଏବଂ ଶେଷରେ ଓଡ଼ିଶୀ ନୃତ୍ୟ ମଣ୍ଡଳର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଜୟ ରାସେଶ୍ୱରୀ ରାଧିକେ ପରିବେସିତ ହୋଇଥିଲା । ଚତୁର୍ଥ ସଂଧ୍ୟାର ଅତିଥି ଥିଲେ ବରିଷ୍ଠ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୀନା ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମନସ୍ୱନୀ ସାହୁ, ଭୁବନେଶ୍ୱରର ଏ.ଡ଼ି.ଏମ୍ ଅରୁଣ ବେହେରା ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ । ସଂଧ୍ୟା ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା ବିଶିଷ୍ଟ ନୃତ୍ୟାଙ୍ଗନା କସ୍ତୁରୀ ପଟ୍ଟନାୟକଙ୍କ ମଙ୍ଗଳା ଚରଣ ପରିବେଶଣ ପରେ ପରେ ମୌମିତା ଘୋଷଙ୍କ ଦ୍ୱାରା ଅଷ୍ଟପଦି, ସାଗରିକା ପରିଡ଼ାଙ୍କ ଦ୍ୱାରା ଅଭିନୟ ବ୍ରଜକୁ ଚୋର ଆସିଛି, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ପବିତ୍ର ପ୍ରଧାନ ଓ ଶ୍ରୀଦତ ଭଲଙ୍କ ଦ୍ୱାରା ଅଭିନୟ ରାଧାବଦନ, ଦିବ୍ୟଶ୍ରୀ ପଣ୍ଡାଙ୍କ ଦ୍ୱାରା ଅଭିନୟ ସତେ କି ଭଙ୍ଗି ପରିବେସିତ ହୋଇଥିଲା । ପରବର୍ତୀ ନୃତ୍ୟଶିକ୍ଷାର୍ଥୀମାନେ ଥିଲେ ଏକକ ନୃତ୍ୟରେ ଅନ୍ୱେଶା ମହାନ୍ତି, ଐଶର୍ଯ୍ୟା ମହାନ୍ତି, ଶୁଭଶ୍ରୀ ପ୍ରିୟଦର୍ଶିନୀ, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ସୌର୍ଣ୍ଣକି ଦାସ ଓ ଶୁହାନି ପ୍ରଧାନ ଓ ଶେଷରେ ଗୁରୁ ମୀରା ଦାସଙ୍କ ତତ୍ୱାବଧାନରେ ଗୁଞ୍ଜନ ଡ୍ୟାନ୍ସ ଏକାଡ଼େମୀର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଶଣ । କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ।

## ପରଂବ୍ରହ୍ମଙ୍କ କିମାଶ୍ଚର୍ଯ୍ୟମ ପାଠକାର୍ପିତ

ଭୁବନେଶ୍ୱର, (ପି.ଏନ): ଯୁବ ପ୍ରାବନ୍ଧିକ ପରଂବ୍ରହ୍ମ ତ୍ରିପାଠୀଙ୍କ ଚତୁର୍ଥ ପ୍ରବନ୍ଧ ସଂକଳନ କିମାଶ୍ଚର୍ଯ୍ୟମ ବୁଧବାର ପାଠକାର୍ପିତ ହୋଇଯାଇଛି । ବିଶିଷ୍ଟ ସ୍ତମ୍ଭକାର ଡଃ ଭଗବାନ ପ୍ରକାଶ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦଘାଟନ କରିଥିଲେ । ବର୍ଷା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣରେ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ କହିଥିଲେ ଯେ ପ୍ରଶ୍ନ ପଚାରିବାର ପ୍ରବୃତି ଧୀରେ ଧୀରେ ମରି ଯାଉଛି । ଗଣତନ୍ତ୍ର, ସମାଜ ଓ ସାହିତ୍ୟ ବଂଚିବା ପାଇଁ ପ୍ରଶ୍ନ ପଚାରିବାର ପ୍ରବୃତି ନିହାତି ଆବଶ୍ୟକ । କିମାଶ୍ଚର୍ଯ୍ୟମ ପ୍ରଶ୍ନ ପଚାରିବାକୁ ଉସକାଉଛି । ତେଣୁ ଏହା ଗତାନୁଗତିକତାରୁ ନିଶ୍ଚିତ ଭିନ୍ନ ।ଅନ୍ୟତମ ଅତିଥି ବିଶିଷ୍ଟ ଗାଳ୍ପିକ ଡ଼ଃ ଅଜୟ ସ୍ୱାଇଁ ସାହିତ୍ୟରେ ଗଦ୍ୟର ଭୂମିକା, ନୂତନ ପିଢ଼ିର ଲେଖକମାନେ ଗଦ୍ୟକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ଓ କିମାଶ୍ଚର୍ଯ୍ୟମ କିପରି ଏକ ନିଆରା ଧାରା ସୃଷ୍ଟି କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ କବି ଓ କଳା ସମୀକ୍ଷକ କେଦାର ମିଶ୍ର କିମାଶ୍ଚର୍ଯ୍ୟମକୁ ବିଦ୍ରୋହ ଓ ବ୍ୟଙ୍ଗର ଏକ ସଠିକ ସମିଶ୍ରଣ ବୋଲି କହିବା ସହ ଏହା ପାଠକ ମନ ଓ ମସ୍ତିଷ୍କକୁ ଆନ୍ଦୋଳିତ କରିବାର କ୍ଷମତା ରଖିଛି ବୋଲି ମତ ପ୍ରକାଶ କରିଥିଲେ । ଯୁବ ପିଢ଼ିର ଶକ୍ତିଶାଳୀ ସ୍ୱର, କବି ଓ ଗାଳ୍ପିକ ଡଃ ଶକ୍ତି ମହାନ୍ତି ସରଳ ପ୍ରବହମାନତା, ଶବ୍ଦର ମିତବ୍ୟୟିତା ଓ ସମସ୍ୟା ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀ ପରଂବ୍ରହ୍ମଙ୍କ ଲେଖାର ବୈଶିଷ୍ଟ୍ୟ ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଲେଖକ ଡ଼ଃ ସୂର୍ଯ୍ୟସ୍ନାତ ତ୍ରିପାଠୀ ବହିଟି ନିଜ ପ୍ରାସଙ୍ଗିକତା ଅନେକ ସମୟ ପର୍ଯ୍ୟନ୍ତ ବଜାୟ ରଖିବ ବୋଲି ମତବ୍ୟକ୍ତ କରିଥିଲେ ।ନିଜ ଲେଖକୀୟ ଅଭିଭାଷଣରେ ପରଂବ୍ରହ୍ମ ପାଠକୀୟ ଶ୍ରଦ୍ଧାକୁ ଗୁରୁତ୍ୱ ଦେବା ସହ ଏହାହିଁ ତାଙ୍କୁ ଅନୁପ୍ରାଣିତ କରିଛି ବୋଲି କହିଥିଲେ ।ବର୍ଷା ପ୍ରକାଶନୀର ମୁଖ୍ୟ ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ମୃତି ସଂଚିତା ଜେନା ମଂଚ ପରିଚାଳନା କରିଥିଲେ ।

# ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହେବାକୁ ନବନିଯୁକ୍ତ ଓସିଏସ୍ ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, (ପି.ଏନ): ପ୍ରଶାସନିକ ସେବା କେବଳ ଏକ ବୃତି ନୁହେଁ , ଏହା ମାତୃଭୂମି ଓ ଏହାର ସାଧାରଣ ଜନତାଙ୍କର ସେବା । ସାଧାରଣ ଜନତାର ବିଶ୍ୱାସକୁ କୌଣସି ପରିସ୍ଥିତିରେ ଏଡ଼ାଇ ଦେବା ଅନୁଚିତ ବୋଲି ଓଡ଼ିଶା ପ୍ରଶାସନିକ ସେବାରେ ନୂତନ ଭାବେ ଯୋଗ ଦେଇଥିବା ୧୫୩ ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକସେବା ଭବନରେ ଆୟୋଜିତ ଓରିଏଂଟେସନ କାର୍ଯ୍ୟକ୍ରମରେ ଭର୍ଚ୍ଚୁଆଲ ମୋଡ୍ ରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଅଫିସରମାନଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନିଷ୍ପତି ଜନତାଙ୍କ ଆଶା ଓ ବିଶ୍ୱାସକୁ ଶକ୍ତିଶାଳୀ କରିବା ଦିଗରେ ଉଦ୍ଦିଷ୍ଟ ହେବା ଆବଶ୍ୟକ । ଏହି ଦିନ ପ୍ରତି ଅଫିସରଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅୟମାରମ୍ଭ । ଜଣେ ପ୍ରଶାସନିକ ସେବକ ଭାବେ ପ୍ରତି ଅଫିସର ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ । ନିଜର ଭୂମିକା ଓ ଦାୟିତ୍ୱବୋଧକୁ ସେମାନେ ସୂଚାରୁରୂପେ ପାଳନ କରିବା ଉଚିତ ।ରାଜ୍ୟର ବିକାଶ ଓ ଗରିବଙ୍କ କଲ୍ୟାଣ ଉପରେ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି- କଠିନ ପରିଶ୍ରମ ଓ ତ୍ୟାଗ ବଳରେ ହିଁ ଏହି ଆଶା ସାକାର ହୋଇପାରିବ । ଏହା ଜରିଆରେ ଓଡିଶା ୧ ନମ୍ବର ହୋଇପାରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଫାଇଭ-ଟି ଓ ମୋ ସରକାର ଜରିଆରେ ପ୍ରଶାସନିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତନ ଘଟିଛି । ଲୋକଙ୍କ ନିକଟରେ ସେବା ଯୋଗାଇ ଦେବା ଲାଗି ସରକାର ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ଏହାସହ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ପେନସନ୍ ଧାରୀଙ୍କ ପାଇଁ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି ଯେ ନୂଆ ବ୍ୟବସ୍ଥାରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଆଧାରିତ ଭିଡ଼ିଓ ଓ ଫଟୋ ସଂଶୋଧନ ପ୍ରକ୍ରିୟାରେ ପେନ୍‌ସନରମାନେ ସେମାନଙ୍କ ଚିହ୍ନଟ ପ୍ରମାଣପତ୍ର ଓ ଲାଇଫ୍ ସାର୍ଟିଫିକେଟ୍ ଦାଖଲ କରିପାରିବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପେନ୍ ସନ୍ ଭୋଗୀମାନେ କୌଣସି ସରକାରୀ ଦପ୍ତରକୁ ନଯାଇ ନିଜ ନିଜର ମୋବାଇଲ୍ ଫୋନ୍ ବ୍ୟବହାରପୂର୍ବକ ସେମାନଙ୍କର ଚିହ୍ନଟ ପ୍ରମାଣପତ୍ର ଓ ଲାଇଫ୍ ସାର୍ଟିଫିକେଟ୍ ଡିଜିଟାଲ୍ ମାଧ୍ୟମରେ ଦାଖଲ କରିପାରିବେ । ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା 'ମୋ ସେବା କେନ୍ଦ୍ର'ଗୁଡ଼ିକରେ ଏହି ସୁବିଧା ମଧ୍ୟ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ସରକାରୀ ଇ-ଡାଏରୀର ଶୁଭାରମ୍ଭ କରିଛନ୍ତି ।ଏଥିରେ ନାଗରିକମାନେ ନିଜ ନିଜର ମୋବାଇଲ୍ ଫୋନ୍, ଟାବ୍‌ଲେଟ୍ କିମ୍ବା କୌଣସି କମ୍ପ୍ୟୁଟର ବ୍ୟବହାର କରି ସରକାରୀ ଡାଏରୀରେ ରହିଥିବା ସମସ୍ତ ତଥ୍ୟ ତୁରନ୍ତ ଓ ସହଜ ଉପାୟରେ ପାଇପାରିବେ ।

# ଚନ୍ଦକା ରେ ୪ଟି ଜଙ୍ଗଲ ସଫାରୀ ଯାନ ଲୋକର୍ପିତ

ଭୁବନେଶ୍ୱର, (ପି.ଏନ): ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୁଧବାର ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଗୋଡ଼ିବାରୀଠାରେ ପର୍ଯ୍ୟଟକଙ୍କ ନିମନ୍ତେ ୪ଟି ଶୀତତାପ ନିୟନ୍ତ୍ରିତ ଜଙ୍ଗଲ ସଫାରୀ ଯାନର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ ଗୋଡ଼ିବାରୀ, ଭରତପୁର ଏବଂ ଡେରାସକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହି ବ୍ୟବସ୍ଥା ଅଧିକ ଉପଯୋଗୀ ହେବ ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିବ । ପ୍ରକାଶଯୋଗ୍ୟ ଯେ ସମୁଦାୟ ୬୧ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟରେ ପ୍ରତ୍ୟେକ ୧୩ ସିଟ୍ ବିଶିଷ୍ଟ ଆରାମଦାୟକ ଏହି ଯାନଗୁଡ଼ିକରେ ଦର୍ଶକମାନେ ସୁବିଧାରେ ବସି ସଫାରୀ ଭ୍ରମଣକୁ ଉପଭୋଗ କରିପାରିବେ । ପ୍ରତ୍ୟେକ ସଫାରୀ ଯାନ ପାଇଁ ପର୍ଯ୍ୟଟକ ଗାଇଡ୍‌ର ବ୍ୟବସ୍ଥା ମଧ କରାଯାଇଛି । ୪ଟି ଜଙ୍ଗଲ ସଫାରୀ ଯାନ ମଧ୍ୟରୁ ୨ଟି ଗୋଡ଼ିବାରୀଠାରେ ଏବଂ ୨ଟି ଭରତପୁର ସଂରକ୍ଷିତ ଜଙ୍ଗଲଠାରେ ଦର୍ଶକମାନଙ୍କ ପରିଭ୍ରମଣ ପାଇଁ ନିୟୋଜିତ ରହିବ । ଏସବୁ ଯାନଗୁଡ଼ିକରେ ସ୍ଥାନୀୟ ଅଂଚଳର ପ୍ରାୟ ୧୫ ଜଣ ଯୁବକଙ୍କୁ ଡ୍ରାଇଭର ଏବଂ ପର୍ଯ୍ୟଟକ ଗାଇଡ୍ ଭାବେ ନିଯୁକ୍ତି ପ୍ରଦାନ କରାଯାଇ ସେମାନଙ୍କର ଜୀବନଜୀବିକାକୁ ସୁରକ୍ଷିତ କରାଯାଇପାରିଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ୮ ସିଟ୍ ବିଶିଷ୍ଟ ୫ଟି ଏବଂ ୧୨ ସିଟ୍ ବିଶିଷ୍ଟ ୪ଟି ଜଙ୍ଗଲ ସଫାରୀ ଯାନ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଉପଲବ୍ଧ ରହିଛି । ଗୋଡ଼ିବାରୀଠାରେ ୨୦୧୮ ମସିହାରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ପ୍ରକୃତି ଶିବିର କାର୍ଯ୍ୟକ୍ଷମ ଅଛି । ଏହି ଶିବିରରେ ୮ଟି ସୁଟ୍ ରେ ୧୬ ଜଣ ପର୍ଯ୍ୟଟକଙ୍କର ରାତ୍ରି ରହଣୀର ବ୍ୟବସ୍ଥା ରହିଛି । ୪୦ ଜଣ ପର୍ଯ୍ୟଟକଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ରହିଛି । ଦର୍ଶକମାନଙ୍କ ପାଇଁ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ସଂପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ନିମନ୍ତେ ପରିବେଶ-ପ୍ରେକ୍ଷାଳୟର ସୁବିଧା ରହିଛି । ବନ୍ୟଜନ୍ତୁ ନିରୀକ୍ଷଣ କେନ୍ଦ୍ର ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ନେଚର ଟ୍ରେଲ୍ ଏବଂ ସାଇକେଲ୍ ଟ୍ରାକ୍‌ର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକମାନେ ଇକୋଟୁର୍ ଓଡିଶା ଡଟ୍ କମ୍ ରେ ଲଗ୍‌ଇନ୍ କରି ଗୋଡ଼ିବାରୀ ପ୍ରକୃତି ଶିବିର ପରିଦର୍ଶନ ନିମନ୍ତେ ଆଗୁଆ ସଂରକ୍ଷଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶଶିପଲ୍, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର, ବନ ସଂରକ୍ଷକ ସତ୍ୟନାରାୟଣ ବେହୁରା, ବନ ସଂରକ୍ଷକ ବିକାଶ ଦାସ, ବନତତ୍ତ୍ୱବିତ୍ କପିଳ ଦାସ, ଚନ୍ଦକା ବନଖଣ୍ଡ ଅଧିକାରୀ ମହମ୍ମଦ ଜମିଲ୍ ଙ୍କ ସମେତ ଜଙ୍ଗଲ ବିଭାଗର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସାପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲୋ । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲ । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହେରା ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK








## କେଡିଏମ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଚୋରମୁହାଁ, ଜାରକା,ପଟୁଣିଆ ଓ ଦେଓଦା ବିଜୟୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ କାଏମା ଓ କୋଟପୁର ଖେଳପଡିଆରେ ଚାଲିଥିବା ସପ୍ତମ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲର କ୍ରିକେଟ ଟୁର୍ଣ୍ଣାମେଂଟରେ ବୁଧବାର ଅନୁଷ୍ଠିତ ୪ଗୋଟି ମ୍ୟାଚରେ ଚୋରମୁହାଁ, ଜାରକା, ଦେଓଦା ଓ ପଟୁଣିଆ ଟିମ ବିଜୟୀ ହୋଇଛନ୍ତି । ଏହି ବ୍ଲକ ବଡକାଏମା ଖେଳପଡିଆରେ ଆଜି ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ଭବାନୀପୁର ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ କରିଥିଲା । ଏହାର ଜବାବରେ ଜାରକା ଟିମ ବ୍ୟାଟିଂ କରି ୯.୫ ଓଭରରେ ୫ ଉଇକେଟ ହରାଇ ୧୨୪ ରନ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଚୋରମୁହାଁ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରୁ ୧୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୩ ରନ କରିଥିଲା । ଜବାବରେ ସୁନ୍ଦୁରିଆ ଟିମ ୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୫୭ରନ କରି ପରାସ୍ତ ହୋଇଥିଲା । ଆଜିର ଉଭୟ ମ୍ୟାଚକୁ ପ୍ରକାଶ ଧଳ, ଚନ୍ଦନ ଭଦ୍ର, ଉତମ ସାମଲ ଓ ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ । ସେହିପରି ଏହି ବ୍ଲକ କୋଟପୁର ଖେଳପଡିଆରେ ଅନୁଷ୍ଠିତ ଆଜିର ମ୍ୟାଚରେ ପଟୁଣିଆ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୯୮ ରନ କରିଥିଲା । ଜବାବରେ ବଡକାଏମା ଟିମ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୯୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଦେଓଦା ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୨୩ ରନ କରିଥିଲା । ଜବାବରେ ଅରାବଳ ଟିମ ୧୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ କରି ପରାସ୍ତ ହୋଇଥିଲା । ଉଭୟ ମ୍ୟାଚକୁ ଇନ୍ତେକାବ ଆଲମ ଓ ଅବିନାଶ ସାମଲ ପରିଚାଳନା କରିଥିଲେ ।

## ସେବା ସଂଗଠନ ଓଡ଼ିଶାର ଅସହାୟଙ୍କୁ କମ୍ବଳ ବଣ୍ଟନ

ବାଲେଶ୍ୱର , (ପି.ଏନ): ସେବା ସଂଗଠନ ଓଡ଼ିଶା ତରଫରୁ ସଂଗଠନର ମୁଖ୍ୟ ଉପଦେଷ୍ଟା ହରେକୃଷ୍ଣ ପଣ୍ଡା ଙ୍କ ଜନ୍ମଦିନ ଉପଲକ୍ଷେ ବଡପାଳ ପଞ୍ଚାୟତ ର ବଭିନ୍ନ ଗ୍ରାମରେ ଅସହାୟ ବୃଦ୍ଧ ଏବଂ ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ଶଶିକାନ୍ତ ବାରିକ, କୋଷାଧକ୍ଷ ଅଶୋକ କୁମାର ଦାସ, ସଦସ୍ୟ କୀର୍ତ୍ତି କୁମାର ବିନ୍ଧାଣୀ, ପ୍ରଭାକର ସେଠୀ, ଶ୍ରୀନାଥ ରଣା, ସଚିନ୍ଦ୍ର ମହାଳିକ, ବିଜୟ ସାହୁ, ରମଣୀ ସେଠୀ, ରାଜକିଶୋର ପଡ଼ିଆରୀ, ରାକେଶ ଆଚାର୍ଯ୍ୟ, ଜୟନ୍ତ କୁମାର ପଡ଼ିଆରୀ, ଚନ୍ଦନ ରାଉତ, ନୟନ କୁମାର ପଣ୍ଡା, ଅଜୟ କୁମାର ସାହୁ, କାବ୍ୟପ୍ରିୟ ରାଉତ ଏବଂ ଅନ୍ୟ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ସମସ୍ତେ ଶ୍ରୀଯୁକ୍ତ ପଣ୍ଡା ଙ୍କ ଦୀର୍ଘାୟୁ କାମନା କରିବା ସହ ଶୁଭ ମନାସିଛନ୍ତି । ସମସ୍ତ କାର୍ଯ୍ୟ ସଂଗଠନ ର ଅଧକ୍ଷ କମଳଲୋଚନ ପଣ୍ଡା ଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା ।

## ସିଦ୍ଧାର୍ଥ ମିତ୍ର ହେଲେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଯୁବ ସଭାପତି



ଖୋର୍ଦ୍ଧା,(ପି.ଏନ): ଯୁବ ଇଞ୍ଜିନିୟର ତଥା ଯୁବ ସମାଜସେବୀ ସିଦ୍ଧାର୍ଥ ମିତ୍ର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜେଡି ଯୁବ ସଭାପତି ରୁପେ ମନୋନୀତ ହୋଇଛନ୍ତି । ସେ ଖୋର୍ଦ୍ଧା ରୋଟାରୀ କ୍ଲବର ସଭ୍ୟ ଥିବାବେଳେ ଖୋର୍ଦ୍ଧା ଅଂଚଳରେ ବିଭିନ୍ନ ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି । ଅନ୍ୟପକ୍ଷେ ଇଂ ମିତ୍ର ତାଙ୍କ ଚାକିରି ଜୀବନରୁ ସ୍ୱେଚ୍ଛାକୃତ ଅବସର ନେଇ ନିଜକୁ ସମାଜସେବାରେ ନିୟୋଜିତ କରିଛନ୍ତି । ତେବେ ତାଙ୍କ ନାମକୁ ଆଜି ଯୁବ ସଭାପତିଭାବେ ଘୋଷଣା କରାଯିବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବିଭାଇ), ରାଜ୍ୟ ଯୁବ ସଭାପତି ବ୍ୟୋମକେଶ ରାୟ, ଜିଲ୍ଲା ସଭାପତି ବିଭୁତି ବଳବନ୍ତରାୟ, ଜିଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ, ଜିଲ୍ଲା ଯୁବ ସଭାପତି ରାଜେଶ ପରିଡା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।ଏହି ଅବସରରେ ଇଂ ଶ୍ରୀ ମିତ୍ରଙ୍କୁ ରାଜ୍ୟ ଯୁବ ବିଜେଡି ସମ୍ପାଦକ ରୁଦ୍ରନାଥ ଦତ, ବିସିଜେଡି ରାଜ୍ୟ ସମ୍ପାଦକ ନସିମ ଖାନ୍, ଜିଲ୍ଲା ଉପସଭାପତି ବିଭୁପ୍ରସାଦ ସାହୁ, ଦିଲିପ କୁମାର ହୋତା, ସମ୍ପାଦକ ଲଳିତ ମୋହନ ମହାପାତ୍ର, ଖୋର୍ଦ୍ଧା ନଗର ସଭାପତି ମହମ୍ମଦ ଆରିଫ, ନଗର ଯୁବ ବିଜେଡି ସଭାପତି ଦିଲୀପ ପରିଡା, ଜିଲ୍ଲା ମହିଳା ସଭାନେତ୍ରୀ ଗୀତାଞ୍ଜଳୀ ପାଟଶାଣୀ, ଖୋର୍ଦ୍ଧା ବ୍ଲକ ସଭାପତି ରୁଦ୍ରଭାନୁ ନରେନ୍ଦ୍ର ସିଂ, ଟାଙ୍ଗୀ ବ୍ଲକ ସଭାପତି ବୀର ପାଟଶାଣୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶ ଥାଉକି, ଇଂ ଶ୍ରୀ ମିତ୍ର ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି ।

## ଟିକୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣମେଂଟ, ସୁଙ୍ଗୁଡା ଏକାଦଶ ଚମ୍ପିଅନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ତରିଆ ପଂଚାୟତ ପୋବଳ ଖେଳପଡିଆରେ ଚାଲିଥିବା ଟିକୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସର ଫାଇନାଲ ମ୍ୟାଚରେ ବ୍ଲୁ ମୁନ ଯାଜପୁରକୁ ହରାଇ ସୁଙ୍ଗୁଡା ଏକାଦଶ ଚମ୍ପିଅନ ହୋଇଛି । ସୁଙ୍ଗୁଡା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୨୨୭ରନ କରିଥିଲେ । ଦଳ ପକ୍ଷରୁ ରାଜା ୫୫ରନ ସଂଗ୍ରହ କରିଥିଲେ । ଜବାବରେ ବ୍ଲୁମୁନ ଟିମ ବ୍ୟାଟିଂ କରି ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ପରାଜିତ ହୋଇଛି । ଏହି ମ୍ୟାଚକୁ ସୁଶାନ୍ତ ନାୟକ ଓ ନିରନ ଜେନା ପରିଚାଳନା କରିଥିଲେ । ଟିକୁ ମେମୋରିଆଲ ଟ୍ରଷ୍ଟ କ୍ଷରୁ ପ୍ରଶାନ୍ତ କୁମାର ପାଳଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ନିରନ ରାଉତ,ପରିବେଶବିତ ଶ୍ରୀନିବାସ ଜେନା, ଯୁବ ସଂଗଠକ ଆଲୋକ ରନ ବିଶ୍ୱାଳ, ରଶ୍ମିରନ ରାୟ, ମାନସ ରନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଚମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା, (ପିଏନ୍):ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମର ଜଣେ ଯୁବକ କୁସ୍ତିରା ଗ୍ରାମର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଗିରଫ ହୋଇଛି । କୃଷ୍ଣଚନ୍ଦ୍ରପୁର ଗ୍ରାମର ସୁବଳ ସ୍ୱାଇଁ (୪୨) କୁସ୍ତିରା ଗ୍ରାମାର ଜଣେ ବିବାହିତା ମହିଳାଙ୍କର ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଫଳରେ ମହିଳାଙ୍କ ଶାଶୁ ଘର ଲୋକ ଏହା ଦେଖି ତାକୁ ବାପ ଘରକୁ ପଠାଇ ଦେଇଥିଲେ । ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ଜେନାପୁର ପୋଲିସ ୩୮୮/୨୧ ରେଚ ଏକ କେଶ ରୁଜୁ କରି ଅଭିଯୁକ୍ତ ସୁବଳକୁ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ସ୍ତ୍ରୀକୁ ମାଡମାରିବା ଅଭିଯୋଗରେ ସ୍ୱାମୀ ଗିରଫ

ଧର୍ମଶାଳା, (ପିଏନ୍):ଜେନାପୁର ଥାନା ଅନ୍ତର୍ଗତ ମଧୁସୁଦନପୁର ପଂଚାୟତ ଶୋରେଇ ଗ୍ରାମରେ ପତ୍ନୀଙ୍କୁ ମାଡ ମାରିବା ଅଭିଯୋଗରେ ପୁଲିସ ସ୍ୱାମୀକୁ ଗିରଫ କରିଛି ବୁଧବାର କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଗତ ଦୁଇ ଦିନ ତଳେ ବିରେନ ଦଳେଇ ତାର ପତ୍ନୀ ମନୋରମା ଦଳେଇଙ୍କୁ ବିନା କାରଣରେ ମାଡ ମାରି ଆହତ କରିଥିଲା । ଏନେଇ ମନୋରମା ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ୩୮୫/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ବିରେନକୁ ଗିରଫ କରି ଗତକାଲି କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଖାନା ଖଜାନା ହୋଟଲରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ାଉ, ୨ ହଜାର ଜୋରିମାନା ସହ ବାସି ଖାଦ୍ୟ ଜବତ

ଚଣ୍ଡିଖୋଲ, (ପିଏନ ): ଯାଜପୁର ଜିଲ୍ଲାର ବିଭିନ୍ନ ସହର ବଜ଼ାରରେ ଏବେ ବାସିଖାଦ୍ୟର ବହୁଳ ବିକ୍ରି ଚାଲିଛ । ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଚଣ୍ଡିଖୋଲ ଓ ଏହାର ଆଖପାଖ ସ୍ଥାନରେ ଥିବା ହୋଟେଲ ମାନଙ୍କରେ ନିମ୍ନମାନର ଖାଦ୍ୟ ସହ ବାସି ଖାଦ୍ୟର ବିକ୍ରିହେଉଥିବାର ଖବର ପାଇ ଯାଜପୁର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ତ୍ରିପାଠୀ ଓ ସହକର୍ମୀମାନେ ଆଜି ସକାଳେ ଖାନା ଖଜାନା ନାମକ ହୋଟେଲରେ ଚଢ଼ାଉ କରି ଏକ ଡ଼ିସ ବାସି ଖାଦ୍ୟ ଜବତ କରିବାସହିତ ହୋଟେଲ ମାଲିକଙ୍କ ଠାରୁ ୨୦୦୦ ଟଙ୍କା ଜୋରିମାନା ଆଦାୟ କରିଥିଲେ ଓ ଉକ୍ତ ବାସିଖାଦ୍ୟର ମାନ ନିରୂପଣ କରିବାପାଇଁ ଭୁବନେଶ୍ୱର ସ୍ଥିତ ପରୀକ୍ଷାଗାରକୁ ପଠାଇଥିବାର ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ ।ଏଠାରେ ସୂଚନାଥାଉକି ନିୟମିତ ଭାବେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଖାଦ୍ୟର ମାନକୁ ଯାଞ୍ଚ କରୁନଥିବାରୁ ଦିନକୁଦିନ ଚଣ୍ଡିଖୋଲ ଓ ଆଖପାଖ ଅଂଚଳରେ ଖୋଲାଯାଇଥିବା ହୋଟେଲ ଓ ଜଳଖିଆ ଦୋକାନମାନଂକରେ ଏହିଭଳି ଖାଦ୍ୟ ମିଳୁଥିବାର ବହୁ ଅଭିଯୋଗ ଆସିଥିଲେ ସୁଦ୍ଧା ଅଭିଯୋଗ ଅଭିଯୋଗରେ ହିଁ ରହିଯାଉଛି ।ଏଥିପ୍ରତି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବୀହେଉଅଛି ।

## ନିମ୍ନମାନର ଡ୍ରେନକାର୍ଯ୍ୟ, ଅଧାକାର୍ଯ୍ୟରୁ ଠିକାଦାର ଛୁ



ଚଣ୍ଡିଖୋଲ,(ପିଏନ):ବଡ଼ଚଣା - ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାର ଚଣ୍ଡୀମନ୍ଦିରକୁ ସଂଯୋଗ କରୁଥିବା ୨୦୦ ମିଟର ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଅଛି. ଏହି ୨୦୦ ମିଟର ରାସ୍ତାଟି ଆଗରୁ କଂକ୍ରିଟ ରାସ୍ତା ଥିଲା, ଭଲ ରାସ୍ତାକୁ ମରାମତି କରିବାପାଇଁ ବିଭାଗ ୨ ଲକ୍ଷ ଟଙ୍କା ମଂଜୁର କରିଥିଲେ କିନ୍ତୁ ଠିକାଦାର ଅତିନିମ୍ନମନର ଅଧା ରାସ୍ତାକାର୍ଯ୍ୟ କରି ବାକି ଅଧା ରାସ୍ତାସେପରି ପଡ଼ିରହିଛି । ରାସ୍ତାର ବାମ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ପାଇଁ ୨୦୦ ମିଟର ଏକ ଡ୍ରେନ ମଧ ବିଭାଗ ପକ୍ଷରୁ ମଂଜୁର ହୋଇଥିଲା ମାତ୍ର ସେ କାର୍ଯ୍ୟ ମଧ ଅତିନିମ୍ନ ମାନର ବୋଲି ସାଧାରଣରେ ଅଭିଯୋଗ ହେଉଅଛି.ଡ୍ରେନର ଦୁଇ ପାର୍ଶ୍ୱରେ ରଡ଼ଦେବାର ବ୍ୟବସ୍ଥା ଥିବା ବେଳେ ବିନା ରଡ଼ ଓ ତଳେ ଗୋଟିଏ ଗୋଟିଏ ରଡ଼ ଦେଇ ଠିକାଦାର କାର୍ଯ୍ୟକରିଥିଲେ ଓ ଏହି କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ କହିବାରୁ ଏବେ କାମ ବନ୍ଦ ରହିଛି ମାତ୍ର ଡ୍ରେନ ଖୋଳି ମାଟି ସବୁ ରାସ୍ତାରେ ପକାଇଦେବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛ । ଡ୍ରେନ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବାରୁ ଓ ମୁକୁଳା ପଡ଼ିଥିବାରୁ ନିକଟରେ ଥିବା ଜଳଖିଆ,ଗ୍ରୋସରୀ,ମିଠା ,ବହି ,ଚାହା ଦୋକାନ ଓ ହୋଟେଲ ମାନେ ନିଜ ନିଜର ଦୋକାନ ଖୋଲିବାରେ ଅସୁବିଧା ଭୋଗୁଛନ୍ତି । ଏହି ରାସ୍ତାଦେଇ ପ୍ରତିଦିନ ଶତାଧିକ ପର୍ଯ୍ୟଟକ ନିକଟରେ ଥିବା ପର୍ଯ୍ୟଟନ କ୍ଷେତ୍ର ଚଣ୍ଡୀମନ୍ଦିର ଓ ମହାବିନାୟକକୁ ଯାଇଥାନ୍ତି. ଏହି ରାସ୍ତାଦେଇ ପଡୋଶୀ ଢେଙ୍କାନାଳକୁ ମଧ ଲୋକମାନେ ଜୀବସାଇବା କରିଥାନ୍ତ । ରାସ୍ତା ଓ ଡ୍ରେନକୁ ଅଧାପନ୍ତରିଆ କରି ଠିକାଦାର ଛୁ ମାରିବାରୁ ଏବେ ସ୍ଥାନୀୟ ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ଧର୍ମଶାଳା ମହାବିଦ୍ୟାଳୟର ଶୀତକାଳିନ ସ୍ୱତନ୍ତ୍ର ଶିବିର

ଧର୍ମଶାଳା, (ପିଏନ୍):ଧର୍ମଶାଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂସ୍ଥା ଅନୁକୁଲ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର ସେବା ଶିବିରର ୪ର୍ଥ ଦିବସରେ ଶିବିରାର୍ଥୀମାନଙ୍କ ଦ୍ୱାରା ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ଓ ଜଗନ୍ନାଥ ମନ୍ଦିର ପରିସରକୁ ସଫେଇ କରାଯାଇଛି । ଜାତୀୟସେବା ଯୋଜନା କାର୍ଯ୍ୟକ୍ରମରେ ସ୍ୱଛତାକୁ ବିଶେଷ ଗୁରୁତ୍ୱ ଦିଆଯାଇ ସ୍ୱେଚ୍ଛାସେବୀମାନେ ମନ୍ଦିର ପରିସରକୁ ସମ୍ପୁର୍ଣ୍ଣ ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ରଘୁନାଥ ଦାସ ନେତୃତ୍ୱ ନେଇଥିବା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ସଂଯୋଜକ ପ୍ରାଧ୍ୟାପକ ସ୍ୱରୁପାନନ୍ଦ ପଣ୍ଡା ପରିଚାଳନା କରିଥିଲେ । କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସଂଯୋଜକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

## ୩ଟି ବାତ୍ୟା ଆଶ୍ରୟସ୍ଥଳୀର ଭିତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୩ଗୋଟି ପଂଚାୟତରେ ପ୍ରସ୍ତାବିତ ବାତ୍ୟା ଆଶ୍ରୟସ୍ଥଳୀର ଆଜି ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୪କୋଟି ୧୦ଲକ୍ଷ ଟଙ୍କା ଅଟକଳରେ ପାଟପୁର ଗ୍ରାମ ପଂଚାୟତର ପାଣି ମୁହାଣିଠାରେ, ଅଂଟିଆ ପଂଚାୟତର କୁସ୍ତିରା ବାଉଁଶଅଂଟା ଠାରେ ଏବଂ ଜେନାପୁର ଗ୍ରାମ ପଂଚାୟତର ବ୍ରହ୍ମପୁରଠାରେ ବାତ୍ୟା ଆଶ୍ରୟସ୍ଥଳର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଶାସନ ସାହୁ, ୩ଟି ପଂଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି, ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ଯୁବ ସଂଗଠକ ମଦନ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୌମ୍ୟ ରନ ଦ୍ୱିବେଦୀ, କନିଷ୍ଠ ଯନ୍ତ୍ରୀ ଇଂ ନରୋତମ ଦାସ ଓ ଇଂ ଗୀତାଳି ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ପରିଚଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ସହଯୋଗ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray